ନାମର [illegible]

[illegible]

[illegible]

[illegible]

[illegible]

[illegible]

Printed by H. K. Das,
Chandrodaya Press,
CUTTACK
[illegible]

ନାମରତ୍ନଗୀତା ।

ତୃତୀୟ ଭାଗ ।

ତ୍ରିଷଷ୍ଟିତମ ଅଧ୍ୟାୟ ।

ବନ୍ଦଇ ଶ୍ରୀ ଜଗନ୍ନାଥ ଶ୍ରୀରଙ୍ଗାପଦ୍ମର । ଶରଣପୋଷକ ଦୀନ-ଜନ ଦୁଃଖହର ॥ ଶ୍ରୀଜଗନ୍ନାଥଙ୍କ ନାମ ଭଜ ସାଧୁ ଜନ । କର ଶ୍ରୀ ଜଗନ୍ନାଥଙ୍କ ପୂଜା ଗ୍ରନ୍ଥମାନ ॥ ଶ୍ରୀ ଜଗନ୍ନାଥଙ୍କ ନାମ କର ଜପାମାଳୀ । କଣ୍ଠେ ଲମ୍ବାଅ ଶ୍ରୀ ଜଗନ୍ନାଥ ନାମାବଳୀ ॥ ଜଗନ୍ନାଥ ଜଗନ୍ନାଥ ଜଗନ୍ନାଥ ଗାଇ । ଦୁସ୍ତର ଭବ ସମୁଦ୍ରଁ ହୋଇ ଯାଅ ପାରି ॥ ଜଗନ୍ନାଥ ଜଗନ୍ନାଥ ଭଜ ନିରନ୍ତରେ । ନ କର ଅଳସ କ୍ଷଣେ ନିଶି ଦିବସରେ ॥ ଜଗନ୍ନାଥ ନାମରତ୍ନ କଣ୍ଠକୁ ଭୂଷଣ । ଜଗନ୍ନାଥ ନାମରତ୍ନ ଅଟେ ଦୁଃଖୀ ଧନ ॥ ଜଗନ୍ନାଥ ନାମ ଅଟେ ଅମୂଲ୍ୟ ପଦାର୍ଥ । ଜଗନ୍ନାଥ ନାମ ବିନା ସକଳ ବ୍ୟର୍ଥ ॥ ଜଗନ୍ନାଥ ନାମ ନାବ ଭବ ଜଳଧିର । ଜଗନ୍ନାଥ ନାମ ଗୋଟି ଏକା କର୍ଣ୍ଣଧାର ॥ ଜଗନ୍ନାଥ ଜଗନ୍ନାଥ ଜଗନ୍ନାଥ ଦେବ । ତାହାଙ୍କ ନାମ ଗାଇଲେ ଉଦ୍ଧାର ହୋଇବ ॥ ଗରୁଡ଼ ସ୍ତମ୍ଭ ନିକଟେ ମୁହିଁ ନିତି ଦିନ । ସ୍ତବ ସ୍ତୁତି ପଢ଼ି ମୋର ନ ସରଇ ଦିନ ॥ କ୍ରୋଧେ ଶାସ୍ତ୍ର ସମୁଦ୍ରକୁ ମନ୍ଥି ପକାଇଲି । ବହୁ କଷ୍ଟେ ନାମରତ୍ନ ଗୋଟି ମୁଁ ଲଭିଲି ॥ ଅତି ଆନନ୍ଦରେ କଲି ସେ ରତ୍ନ ଧାରଣ । ଦରଶନ ପାଇଲି ମୁଁ ଅଭୟ ଚରଣ ॥ ସେ ପ୍ରଭୁ ଆଜ୍ଞାରେ ନାମରତ୍ନ ଗୀତା ଗୋଟି । ଲେଖିବାରୁ ଭବଭୟ ଚିନ୍ତାଗଲା ତୁଟି ॥ ସାଧୁ ସଜ୍ଜନଙ୍କୁ ମୋ ଅଶେଷ ଭକତି । ଶୁଦ୍ଧାଶୁଦ୍ଧ ନ ଘେନିମ କରୁଛି ବିନତି ॥ ଅର୍ଜୁନ ବୋଇଲେ କୃଷ୍ଣ ଆହେ ଭଗବାନ । କେମନ୍ତ ପୁର ଅଟଇ ବୈକୁଣ୍ଠ ଭୁବନ ॥ ପାର୍ଥ ବାକ୍ୟ ଶୁଣିଣ କହନ୍ତି ଭଗବାନ । ମନ ଦେଇ ଶୁଣ ଆହେ ପାଣ୍ଡୁର ନନ୍ଦନ ॥ ଯେବଣ କାଳରେ ସୃଷ୍ଟି କଲେ ସୁରଜ୍ୟେଷ୍ଠ । ତିଣ୍ଡ ଅନୁ

Digitized by srujanika@gmail.com

ବ୍ରହ୍ମାଣ୍ଡ ଯେ ଚଉଦ ବୈକୁଣ୍ଠ । ସମସ୍ତ ବୈକୁଣ୍ଠେ ସାର ଅଟେ ଯେତ୍ତୁ ପୂର୍ଣ । ସେ ତତ୍ତ୍ୱ ନ ପାଇ ବ୍ରହ୍ମେ କରନ୍ତି ଭ୍ରମଣ ॥ ବ୍ରହ୍ମ ଏଣେ ଦୂରୁ ରହିଅଛି ସର୍ବଘଟେ । ଘଟେ ଚହ୍ନି ନ ପାରିଣ ଖୋଜନ୍ତି ବୈକୁଣ୍ଠେ ॥ ବୁଝିଲେ ସବୁର ଦେହ ବୈକୁଣ୍ଠ ଭୁବନ । ଏ ଭେଦ ଚହ୍ନି ପାରନ୍ତି ଏକା ଜ୍ଞାନଜନ । ବେଦ ଯେ ଶରୀରେ ଥାଏ ଶରୀର ଯେ ବେଦ । ବେଦର ତତ୍ତ୍ୱ ଏକା ଯେ ଅଟନ୍ତି ଗୋବିନ୍ଦ ॥ ଗୋବିନ୍ଦଙ୍କୁ ଚହ୍ନିଲେ ଯେ ବୈକୁଣ୍ଠ ଚହ୍ନିବ । ସାର ବଇକୁଣ୍ଠ ଏହି ମଧ୍ୟମ ପାଣ୍ଡବ ॥ ସନ୍ନିଧି ବଇକୁଣ୍ଠ କଥା ଏବେ ଶୁଣ । ତହିଁ ବିଜେ କରଛନ୍ତି ପ୍ରଭୁ ନାରାୟଣ ॥ ଖୋଜନ୍ତି ବୈକୁଣ୍ଠେ ବ୍ରହ୍ମାଙ୍କୁ ଯେ ଚିତାମନ୍ଦ । ବେଦ ସୂତ୍ର ନ ଜାଣି ଭଜନେ ହୋଇ ମୋହ ॥ ନାମର ତତ୍ତ୍ୱ ନ ଜାଣି ଜପିଲେ କି ଫଳ । ଗଙ୍ଗାଜଳ ଛାଡ଼ିଣ ପିଅଇ କୂପ ଜଳ ॥ ନାମର ତତ୍ତ୍ୱ ଭୁଷଣ୍ଡ କାକ ପାଇକରି । ଅମର ହୋଇଣ ଦେହ ରହିଅଛି ଧରି ॥ ଜନ୍ମକାଳରୁ ଯଥାତା ବୈକୁଣ୍ଠ ନ ଦେଖି । ଦେଖିବା ବୋଲି ବସିଲେ ବୁଜି ଅଷ୍ଟ ଅଖି ॥ ମନ ଚୈତନ୍ୟ ନିଶ୍ଚଳ କରି ପଦ୍ମଯୋନି । ଜ୍ୟୋତିରେ ଲପୃଲୁ ଦେଖି ହୋଇ ଅଭିମାନୀ ॥ ଚକ୍ଷୁକୁ ବୁଜନ୍ତେ ଜ୍ୟୋତି ଦିଶିଲା ସ୍ୱଚ୍ଛଳ । ବୈକୁଣ୍ଠଯାକ ବ୍ୟାପିଛି ଏକା ଅଦ୍ଭୁଳ ॥ ସେ ବୈକୁଣ୍ଠ କଥା ପାର୍ଥ କହିବି ମୁଁ କିସ । ସିଂହଦ୍ୱାର ବାଟେ ଯାନ୍ତି ଦୁଇଗୋଟି ହଂସ ॥ ନିମିଷକେ ବୁଲିଯାଇ ପଶନ୍ତି ବୈକୁଣ୍ଠେ । ବିଷ୍ଣୁର ସମ୍ପଦ ତହିଁ ଅକଳିତ ଅଟେ ॥ ପ୍ରକାଶ ହୋଇ ଗୋଟିଏ ପାଦ ବ୍ରହ୍ମ-ଯାନ୍ତି । ବୈକୁଣ୍ଠେ ବସି ପରମ ପଦେ ବଳସନ୍ତି ॥ ପ୍ରତ୍ୟକ୍ଷେ ପରମ-ବ୍ରହ୍ମ ପ୍ରଭୁ ପୂର୍ଣ୍ଣାନନ୍ଦ । ସେ ବୈକୁଣ୍ଠେ ବିଜେ କରିଅଛନ୍ତି ଗୋବିନ୍ଦ ॥ ସେ ବୈକୁଣ୍ଠର ମହିମା କି କହିବି ମୁହିଁ । କୋଟି କୋଟି ଚବଚନ୍ତ ଛନ୍ତି ଉଦେ ହୋଇ ॥ ଚଉଦିଗେ ଅବୋଟିଛି ମରକତ ବାଡ଼ । ରହିଅଛି ଝଟକନ୍ତି ହୋଇ ଲୁଡ଼ୁଲୁଡ଼ୁ ॥ ମରକତ ସ୍ତମ୍ଭପରେ ବିରାଜେ ମାଣିକ୍ୟ । ଲାଗି ଅଛଇ ଭୂମିରେ ହୀରା ନୀଳା ରେଖ ॥ ସୁବର୍ଣ୍ଣ

Digitized by srujanika@gmail.com

କଳଶପରେ ଶୋଭେ ମୋତିହାର । ସ୍ଫଟିକର କାନ୍ଥେ ବସେ ବୈଦୂର୍ଯ୍ୟର ଓର । କାଚର ପାବଚ୍ଛ ସ୍ୱର୍ଣ୍ଣରସାଣ ଛାଏଣି । ଅଷ୍ଟଦଳେ ବିରାଜଇ ନବରତ୍ନ ମଣି ॥ ଅରୁଣର ପାଟନ୍ଝା ଖଞ୍ଜା ହୋଇଅଛୁ । ତାରାଗଣ ତହିଁ ପୁଷ୍ପରୂପେ କି ଫୁଟିଛୁ ॥ ରକ୍ତବର୍ଣ୍ଣ ମେଘମାଳ ଠାବେ ଠାବେ ଲମ୍ବେ । ଲକ୍ଷ ଲକ୍ଷ ପ୍ରତିମା ବିରାଜେ ଖମ୍ବେ ଖମ୍ବେ ॥ ଖମ୍ବ ଗୋଟିକେ ନିର୍ମାଣ ଚଉଷଠି ପାଟ । ପାଟେ ପାଟେ ନବରତ୍ନ ଦିଶେ ଝଟ ଝଟ ॥ ଅଷ୍ଟଦଳେ ଅଷ୍ଟଖମ୍ବ ଏ କି ଅଷ୍ଟଗିରି । ମାତ୍ର ବସିଅଛି ଅଷ୍ଟଦଳେ ବିସ୍ତରି ॥ ଏ ସଂସାରେ ନାନାବର୍ଣ୍ଣେ ଛନ୍ତି ଯେତେ ଜୀବ । ଏକସ୍ତମ୍ଭେ ବସିଣଅଛନ୍ତି ଖବ ଖବ ॥ ଦଶଦଳରେ ଭୂଷଣ ଦଶ ଦିଗପାଳ । କେବଣ ସ୍ଥାନରେ ଅବତାର ମାଳ ମାଳ । କେଉଁ ସ୍ଥାନେ ମତ୍ସ୍ୟରୂପ କାହିଁ ଯେ କଚ୍ଛପ । କାହିଁ ବା ବରାହ କାହିଁ ନରସିଂହ ରୂପ ॥ କାହିଁ ଲେଖା ହୋଇଅଛି ବାମନ ମୂରତି । ଭନେପୁର ମୋହ କାହିଁ ପର୍ଶୁରାମ ଯତି ॥ କେଉଁସ୍ଥାନେ ରଘୁନାଥ ହୋଇଛନ୍ତି ଉଭା । କାହିଁ କୃଷ୍ଣରୂପ ନବଘନ ଶ୍ୟାମପ୍ରଭା ॥ କାହିଁ ଯେ ବଉଦ୍ଧରୂପ କାହିଁ ଯେ କଲକି । କାହିଁ ହରଗୌରୀ ରୂପ କାହିଁ ଅଷ୍ଟସଖୀ ॥ କାହିଁ ବିରାଜନ୍ତି ପ୍ରଭୁ ଲକ୍ଷ୍ମୀ ନାରାୟଣ । କେଉଁସ୍ଥାନେ ଚନ୍ଦ୍ର ସୂର୍ଯ୍ୟ କାହିଁ ଯେ ବରୁଣ । କାହିଁ ଯେ ହୋଇଛି ଯମ ଧର୍ମ ବିରାଜିତ । କେଉଁସ୍ଥାନେ ବିଦ୍ୟମାନ ମରୁତ ନୈଋତ । କାହିଁ ସୁର ବୈଶ୍ୱାନର କୁବେର ଦୈବତ ॥ ଅନନ୍ତ ମୂର୍ତ୍ତି ବାସୁକି କେଉଁସ୍ଥାନେ ସ୍ଥିତ । କାହିଁ ରମ୍ଭା ତିଲୋତ୍ତମା ଉର୍ବଶୀ ମେନକା । ଅପସରା ଆଦି ସବୁ କାହିଁ ଅଛି ଲେଖା ॥ କାହିଁ ମହାସିଂହ ମୂର୍ତ୍ତି ମହାନାଗ ଗଜ । କାହିଁ ବିନତାନନ୍ଦନ କାହିଁ ହଂସରାଜ ॥ ବିଷ୍ଣୁ ତକାବଇଠୀ ସେ ବଇକୁଣ୍ଠପୁର । ତାହାର ମହିମା ପାଥ ମୋତେ ଅଗୋଚର ॥ ସେ ବିଷ୍ଣୁ ନାସା ନିଶ୍ୱାସ ବାହାରଇ ଯେତେ । ବ୍ରହ୍ମାଙ୍କର ଅଯୁତ ଯେ ଭୋଗ ଯାଏ ତେତେ ॥ ଗୋଟିଏ ନିଶ୍ୱାସ ଛାଡ଼ି ଟେକନ୍ତେ ଲେଉଟି । ପ୍ରଳୟ ସରଇ ପୁଣି ଜାତ

Digitized by srujanika@gmail.com

ପରମେଷ୍ଠୀ ॥ ଏମନ୍ତେ ସେ ବୈକୁଣ୍ଠରେ ବସ୍ତୁର ମହିମା । ବସିଅଛନ୍ତି ଅର୍ଜୁନ କୋଳେ ଯେନ ରମା ॥ ଶଙ୍ଖ ଚକ୍ର ଗଦା ପଦ୍ମ ଶୋଭେ ଚତୁର୍ଭୁଜେ । ଶ୍ରୀବତ୍ସଲାଞ୍ଛନ ବକ୍ଷ ସ୍ଥଳରେ ବିରାଜେ ॥ ଉରପରେ ଚନ୍ଦ୍ରହାର ଶୋଭେ କେଉ କେତ । କଟିଦେଶେ ବିରାଜଇ ସ୍ୱର୍ଣ୍ଣ ପାଟଜତ । ବକ୍ଷଦେଶେ ଶୋଭାପାଏ କଉସ୍ତୁଭ ମଣି । ବାଙ୍କ ଚୂଳେ ଶିଖିଚୂଳ ଅପୂର୍ବ ଗୁହିଁଣି ॥ ଅହୋ ଧନଞ୍ଜୟ ସେହି ରୂପ ଅଗୋଚର । ନାନା-ପୁଷ୍ପ ଆଭରଣ ମୋହିଛନ୍ତି ଶରୀର । ବେନି ପୟର ନୂପୁର ବାଜେ ରୁଣ-ଝୁଣ । ଅଭିନବ ଜଳଧର ଜିତ ଦେହ ବର୍ଣ୍ଣ ॥ ଅରୁଣ ଜ୍ୟୋତିକ ଗଞ୍ଜେ ପାଦପଦ୍ମ ବେନି । ତାଙ୍କୁ ପଟାନ୍ତର ନାହିଁ ଅହୋ ଫାଲଗୁନି ॥ ନଖପନ୍ତି ମୋତିପନ୍ତି ପ୍ରାୟେ ଝଟକନ୍ତି । ସୁଗନ୍ଧ ଶୀତଳ ମକରନ୍ଦ ବହି ଯାନ୍ତି ॥ ପ୍ରକାଶି ଛନ୍ତି ପଦ୍ମ ସଙ୍କାଶ ପାଳଇ । ସେ କଞ୍ଜ ପଦ ଚିନ୍ତିଲେ ଭବାବ୍ଧି ତରଇ ॥ ବନ୍ଧୁ ପଙ୍କଜେ ସେ ମଦ ଉର୍ଦ୍ଧେ ଧାର ଟେକେ । ସେହି ପଦମକରନ୍ଦ ତାହାର ପ୍ରାନ୍ତେ ॥ ଶ୍ରୀ ପୟରୁ ମକରନ୍ଦ ସ୍ରବନ୍ତି ବେଳରେ । ସୁଗନ୍ଧ ଶୀତଳ ହୋଇ ବହଇ ଅଧରେ ॥ ଅଧ ଦେଶେ ବହି ପୁଣି ଟେକେ ପାଦମୂଳେ । ସେ ମକରନ୍ଦ ଅପାର ଦେଖୁ ସଦାକାଳେ ॥ ଏମନ୍ତେ ସେ ମକରନ୍ଦ ଝରେ ପଦ କଞ୍ଜେ । ଉଜ୍ଜ୍ୱଳ ତନୁ ପ୍ରକାଶି କଲେ ପ୍ରଭୁ ବଜେ ॥ ବ୍ରହ୍ମାଙ୍କୁ ଭେଟକର ଯେ ବଇକୁଣ୍ଠେ ଗଲେ । ଏ କାରଣୁ ସ୍ୱେଚ୍ଛ ଦେବଗଣେ ଜଣାଇଲେ ॥ ସ୍ୱର୍ଗ ପୁରକୁ ବୈକୁଣ୍ଠ ଅଟେ ଜାଣ କେତେ । ଦ୍ୱାଦଶ କୋଟି ଯୋଜନ ଲେଖନ୍ତି ପଣ୍ଡିତେ । ବସ୍ତୁଙ୍କ ସହ୍ରତେ ଯାଇ ଜାଣିଲି ସେ ପଥ । ମହାଶୂନ୍ୟ ଅଟଇ ସେ ପଥ ଅକଳନ । ଅକଳନ କଥା ଏକ ଅଛି ଜାଣି ତହିଁ । ସେ ପଥ ଯାଜେ ମଳୟ ବାୟୁ ବହୁଥାଇ ॥ ସେ ବାୟୁ ଲାଗିଣ ଟଳବଳ ହୁଏ ଦେହ । ଦେବଙ୍କ ସଦ୍ଭାବେ ଦେନ ଶାନ୍ତି ଚିତାନନ୍ଦ ॥ ସେ ବାଟରେ ନ ଲାଗଇ କ୍ଷୁଧା ତୃଷା କିଛି । ତେଣୁ ଦେବଙ୍କର ଦେହ ଅରୋଗ୍ୟ ହୋଇଛି ॥ ଯାହାଙ୍କ ସେ ମାର୍ଗେ ଗୋଟି

Digitized by srujanika@gmail.com

ଯାଏ ଟେକା ଜଣା । ସେ ପଥ ଅନ୍ୟ ନ ପାଇ ହୁଅନ୍ତି ଯେ ବଣା ।
ଏ ସମସ୍ତ ଶ୍ରୀକୃଷ୍ଣଙ୍କ ଶ୍ରୀ ମୁଖବଚନ । ଦୁଃଖୀ ଜନମାନଙ୍କର ଦୁଃଖ
ବିମୋଚନ ॥ ଶୁଣିଣ କୁନ୍ତୀନନ୍ଦନ ପରମ ସନ୍ତୋଷ । ନାମରତ୍ନଗୀତା
ଭଣେ ଦୀନକୃଷ୍ଣଦାସ ।

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜ୍ଜୁନସମ୍ବାଦେ ବୈକୁଣ୍ଠ-
ପୁର କଥନଂ ନାମ ତ୍ରୟୋତ୍ରିଂଶତମୋଽଧ୍ୟାୟଃ ।

—୦୬୦—

ଚତୁଃସ୍ତ୍ରିଂଶତମ ଅଧ୍ୟାୟ ।

ଅର୍ଜ୍ଜୁନ ଉବାଚ ।

ଅର୍ଜ୍ଜୁନ ପୁଣ ପୁଚ୍ଛନ୍ତି ଶୁଣ ହେ ଗୋବିନ୍ଦ । ଆହେ ପ୍ରଭୁ ଜନାର୍ଦ୍ଦନ ଆହେ ଆନନ୍ଦକନ୍ଦ ॥ ସାଧୁସନ୍ଥ ବଇଷ୍ଣବ ଅଛନ୍ତି ଯେତେକ । ସେମାନେ ଅଛନ୍ତି ତୋର ଅତି ପ୍ରିୟ ଲୋକ ॥ ଗୃହ ସନ୍ନ୍ୟାସୀ ନିମନ୍ତେ ହୋଇଲେ ଯେ ବନ୍ଦ । ମୋହର ମନମଧ୍ୟରେ ହୋଇଛି ସନ୍ଦେହ ॥ ଶ୍ରୀହରି ବୋଇଲେ ଶୁଣ ଧନଞ୍ଜୟ ବୀର । ଯାହା ତୁହି ପଚାରିଲୁ ତାହାର ଉତ୍ତର ॥ ଯେବେ ଦେବଗଣ ଯାଇଁ ବ୍ରହ୍ମାଙ୍କୁ ପୁଚ୍ଛିଲେ । ବ୍ରହ୍ମା ତା କହି ନ ପାରି ବଇକୁଣ୍ଠେ ଗଲେ ॥ ତାହାଙ୍କ ସଙ୍ଗତେ ଗଲେ ସୁର ନର ମୁନି । ଯକ୍ଷପତି କୁବେର ଯେ ଅଟେ ମହାଧନୀ ॥ ମରୀଚି ଦକ୍ଷ ବଶିଷ୍ଠ ଭୃଗୁ ତପୋଧନ । ଅଙ୍ଗିରା ପୌଲସ୍ତ୍ୟ ଋଷି ପୁଲହ ନନ୍ଦନ ॥ ସନକ ସନନ୍ଦ ଯେ ଶାଣ୍ଡିଲ୍ୟ ଅଗସ୍ତି । ଆଉର ଯେ ସନାତନ ବୋଲି ମହା-ଯତି ॥ ନାରଦ କଣ୍ୱ ଦୁର୍ବାସା ବ୍ୟାସ ବାଲ୍ମୀକି । ଉତ୍ତଙ୍କ ଶୃଙ୍ଗୀ ଉଦ୍ଦାଳକ ଚ୍ୟବନ ଜନକ ॥ ରୋମଶ ଗାର୍ଗ୍ୟ ଜୈମିନି ମୁନି ପରାଶର । ସୂତ ଋଷି ମେରୁଶୃଙ୍ଗ ଅତି ମୁନିବର ॥ ଦତ୍ତାତ୍ରେୟ ଆତ୍ରେୟ ଯେ ମୁନି ବିଶ୍ୱାମିତ୍ର । ଅଷ୍ଟାବକ୍ର ଯଜ୍ଞମିତ୍ର ମିତ୍ର ପୁଣ୍ୟଖେତ୍ର ॥ ବ୍ରହ୍ମତେଜା ଜ୍ଞାନତେଜା

Digitized by srujanika@gmail.com

ନାମ ଯନ୍ତ୍ରଭଣ୍ଡା । କହୁ ବୈଶମ୍ପାୟନ ଶୁଣ ଭରଦ୍ୱାଜ ଅଦ୍ଧ ॥ ଋଷିବୃନ୍ଦ ଯେତେ ଲେଖା ହୋଇଛୁ ପୁରାଣେ । ସମସ୍ତେ ଯାଉଅଛନ୍ତି ବ୍ରହ୍ମାଙ୍କ ଶରଣେ । ଏହାଙ୍କର ମୂଳେ ପୁଣି ଅଦଦେବ ଯେତେ । ଚାରି ବାର ଚନ୍ଦ୍ର ସୂର୍ଯ୍ୟ ବରୁଣ ସମେତେ ॥ ପବନ ରବ୍ୟଂଶ ଯୋଗ କରଣ ଅଛନ୍ତି । ବଇକୁଣ୍ଠ ପୁରେ ବଜେ କଲେ ପ୍ରଜାପତି ॥ ଉମାଙ୍କୁ ଘେନି ଈଶ୍ୱର ଦେବ ଓଳଗଲେ । ଷଡ଼ାନନ ବିନାୟକ ଦେବଗଣ ଭୂଲେ ॥ ସମସ୍ତଙ୍କୁ ଘେନି ବ୍ରହ୍ମା ବିଷ୍ଣୁଙ୍କ ସମ୍ମୁଖେ । କର ଯୋଡ଼ି ଜଣାଇଲେ ମଧୁର ସ୍ୱରରେ ॥ ଅହେ ଦେବଦେବ ତୁମ୍ଭେ ତ୍ରିଲୋକର ସ୍ୱାମୀ । କମଳାଦେବୀବଲ୍ଲଭ ଅଟ ଅନ୍ତର୍ଯ୍ୟାମୀ ॥ ତୋହର ଆଜ୍ଞାରେ ଅମ୍ଭେ ସୃଷ୍ଟି ହୋଇଲୁଁ । ଏ ବୈକୁଣ୍ଠ ପୁରେ ତୋର ଦର୍ଶନ ଲଭିଲୁଁ ॥ ତୋହର ଶ୍ରୀ ପାଦପଦ୍ମେ କହିବାକୁ ଅଛୁ । ବିଶ୍ୱରଙ୍କୁ ଆଜ୍ଞା ଯେବେ ଦେବ ହେ ଶ୍ରୀବତ୍ସ ॥ କାହିଁ ବ୍ରହ୍ମ ପରଯନ୍ତେ ଯେତେ ଅଛୁଁ ଜନ୍ତୁ । ସକଳେ ଅଛୁଁ ଏଥେ ଅହେ ଦେବ ସ୍ୱାମି ॥ ଗୁରୁ ନ କରଣ ଯେହୁ ପ୍ରାଣ ତ୍ୟାଗ କରେ । ସେ ଯାଇଁ ଉପୁଜେ ପୁଣି ନରକ କୁଣ୍ଡରେ ॥ ଜୀଇ ଥିବା ଯାଏ ସେହୁ ପଶୁମଧ୍ୟେ ଗଣ୍ୟ । ଏହେତୁ ଅମ୍ଭଙ୍କୁ ମୋକ୍ଷକର ଭଗବାନ ॥ ଅମ୍ଭଙ୍କୁ ସମ୍ପ୍ରଦା କଥାମାନ ଅଗୋଚର । ବେଦରେ ବୁଝିଲୁଁ ସେହୁ ବୋଲେ ଗୁରୁ କର ॥ ତେଣୁ ଅମ୍ଭେ ଶ୍ରୀଚରଣକୁ ଅଛୁଁ ସମସ୍ତେ । କହନ୍ତୁ ଗୁହ୍ୟ ସମ୍ପ୍ରଦା ହୋଇଲେ ଯେମନ୍ତେ ॥ ଶ୍ରୀ ଗୁରୁଙ୍କ ଧର୍ମ ପନ୍ଥା ଶୁଣିବା ନିମନ୍ତେ । ଅଛି ଅଛନ୍ତି ସକଳେ ମୋହର ସଙ୍ଗତେ ॥ ଏହି-ରୂପେ କହି ବ୍ରହ୍ମା ଜଣାନ୍ତି ସମ୍ମୁଖରେ । ଶୁଣି ନାରାୟଣ ପ୍ରଭୁ ହସନ୍ତି ମନରେ ॥ ବୋଇଲେ ଏ ଧ୍ରୁବ କଥା କହେ ଅଛି ବିଧି । ସମ୍ପ୍ରଦା ନ କଲେ ମୋତେ ନ ଚିହ୍ନିବେ କେହି ॥ ଅମ୍ଭେ ପ୍ରଭୁ ବୋଲାଇଣ ଅଛୁଲେ ବୈକୁଣ୍ଠେ । ଏପାରେ ମୋହର ନାମ ତେଜିବେତ ଦୁଷ୍ଟେ ॥ ଏମନ୍ତ ପାଞ୍ଚ ବ୍ରହ୍ମାଙ୍କୁ ବିଷ୍ଣୁ ଦେଲେ ଆଜ୍ଞା । ବୋଇଲେ ଶୁଣ ମୋହର ସମ୍ପ୍ରଦା ପ୍ରତିଜ୍ଞା ॥ ସତ୍ୟ ଧର୍ମ ଦୟା ଜ୍ଞାନ ବୋଲିବା ଉଦ୍ଧାର । ଗୁରୁ-

Digitized by srujanika@gmail.com

ଭକ୍ତ ଯାକେ ଅଗି ଲାଗିବେ ମୋହର । ଏମନ୍ତ କହନ୍ତେ ସତ୍ୟ ଧର୍ମ ଦୟା ଜ୍ଞାନ । ଶଙ୍ଖ ଚକ୍ର ଗଦା ପଦ୍ମ ରୂପକୁ ଧରଣ ॥ ସ୍ୱରବର ଚଳ ଦେଲ ଗୃହକର ବାସ । ତଦନ୍ତେ କହିଲେ ଶୁଣ ଯାଦା ହୃଷୀକେଶ ॥ ସତ୍ୟ ଶଙ୍ଖ ରୂପେ ଯାଇଁ ରହିଲା ଶ୍ରୀକରେ । ତତକ୍ଷଣେ ଯାଇଁ ଧର୍ମ ଚକ୍ର ରୂପ ଧରେ ॥ ଦୟା ଗଦା ରୂପ କରେ ରହିଲା ସେଷଣି । ଜ୍ଞାନ ପଦ୍ମ ରୂପ ଧରି ଅଶ୍ରା କଲା ପାଣି ॥ ଅମ୍ଭ ସ୍ତୁତ କରେ ଏହି ଗୃହ ଲାଗି-ବାରୁ । ତେଣୁ ବ୍ରହ୍ମା ଅମ୍ଭେ ଚତୁର୍ଭୁଜ ରୂପ ଧରୁଁ ॥ ସେହି ଭକ୍ତମାନ-ଙ୍କର ତେଜ ପ୍ରକାଶିବା । ସେ ଭକ୍ତମାନଙ୍କୁ ମୋର କଲ୍ପବ ଯେ ସେବା । ତେବେ ସମ୍ପଦା ବିଭାଗ କରୁଅଛୁ ମୁହିଁ । ସେ ଯାଦାର ଧାମ କ୍ଷେତ୍ର ଯିବ ଜଣା ହୋଇ ॥ ଏମନ୍ତ କହି ପ୍ରକାଶି ଦେଲେ ଚତୁର୍ଭୁଜ । ଦଶିଗଲା ଶଙ୍ଖ ଚକ୍ର ଗଦା ପଦ୍ମ ତେଜ ॥ ତାହା ଦେଖି ବ୍ରହ୍ମାରୁଦ୍ର କଲେ ଜୟକାର । ସେ ସମୟେ ସମସ୍ତଙ୍କ ଭୟ ହେଲା ଦୂର ॥ ଚତୁଃପାର୍ଶ୍ୱେ ପ୍ରଣାମ କରିଲେ ପଦ୍ମପାଦେ । ଋଷି ସ୍ୱରମୁନି ଆଦି ଆନନ୍ଦ ହୃଦେ ॥ ଅପୂର୍ବ ଶୋଭା ଦେଖାନ୍ତି ପ୍ରଭୁ ତାଙ୍କୁ କାହିଁ । ଉଠି ସକଳେ ଦେଖନ୍ତି ପାଦସେବା ଏହି ॥ ଶ୍ରୀପଦ୍ମକରକୁ ଯାଇଁ ଲକ୍ଷ୍ମୀ ସେବା କଲେ । ବିଧାତା ତାହା ଦେଖିଣ ଆଶ୍ଚର୍ଯ୍ୟ ହୋଇଲେ ॥ ଭାବିଲେ ସେବା କରିବା ଅମ୍ଭେ ଚକ୍ର ହସ୍ତ । ଏହି ଚକ୍ର ଗୋବିନ୍ଦର ଅଟେ ଆତ୍ମାତତ୍ତ୍ୱ ॥ ଅମ୍ଭାଙ୍କୁ ଚିହ୍ନିଲେ ଯିନା ସତ୍ତ୍ୱ ଜ୍ଞାନ ପାଇ । ଜ୍ଞାନ ଉଦେ ହେଲେ ଯିନା ସଂସାରୁ ତରଇ ॥ ଏମନ୍ତ ହୃଦରେ ଭାବି ଚକ୍ର କର ଗୋଟି । ଆନନ୍ଦେ ଉଠିଣ ସେବା କଲେ ପରମେଷ୍ଠୀ ॥ ପ୍ରଥମରେ ବ୍ରହ୍ମା ଲକ୍ଷ୍ମୀ ସେବିବାର ଦେଖି । ଉଠିଲେ ସନକଋଷି ଶୁଦ୍ଧ ପଦ୍ମଆଖି ॥ ଗଦା ହସ୍ତକୁ ସେବିଲେ ଯତିବର ଯାଇଁ । ତା ଦେଖି ଉଠିଲେ ରୁଦ୍ର ହୃଦେ ଭକ୍ତି ବହି । ଶଙ୍ଖ କରକୁ ସେବିଲେ ସେ ବୃଷଭଧ୍ୱଜ । ଧନ୍ୟ ପ୍ରଭୁଙ୍କ ମହିମା ଅଟେ ଚତୁର୍ଭୁଜ । ବହୁ ତପ କଲେ ନ ଦେଖିଲେ କେହି ଯାହା । ବ୍ରହ୍ମା ରୁଦ୍ର ସଙ୍ଗେ ଅଧି ଦେଖିଲେ ଯେ ତାହା ॥

Digitized by srujanika@gmail.com

ସତ୍ୟ ଧର୍ମ ଦୟା ଜ୍ଞାନ ଯେଉଁ ଶୁଦ୍ଧ ମୂର୍ତ୍ତି । ଚତୁର୍ଭୁଜରେ ରହିଲେ
ବହି ଦିବ୍ୟ ଜ୍ୟୋତି ॥ ଅନୁମାନେ ହେଲେ ବସ୍ତ୍ର ଅଙ୍ଗ ଆଭରଣ । ଏ
ରୂପ ବର୍ଣ୍ଣନା କରି ନ ପାରେ ପୁରାଣ ॥ ବ୍ରହ୍ମା ରୁଦ୍ର ଆଦି ସେବା କଲେ
ଚତୁର୍ବାହା । ଯାହାଙ୍କୁ ଯେ ଆଜ୍ଞା ଦେଲେ ଶୁଣ ଏବେ ତାହା ॥ ମହା-
ଲକ୍ଷ୍ମୀଙ୍କ ଲଲାଟେ ଦେଲେ ଏକ ବିନ୍ଦୁ । ତାରକମନ୍ତ୍ର କହିଲେ ଜାତ
କରି ହୃଦୁ ॥ ସେହି ବିନ୍ଦୁ ଜ୍ୟୋତି ରଶ୍ମି ପ୍ରାୟ ଜଳୁଅଛି । ତ୍ରିକୂଟେ
ଚନ୍ଦ୍ରମା ପ୍ରାୟ ଜ୍ଞାନୀଙ୍କି ଦିଶୁଛି । ଜାଣିବା ଲୋକଙ୍କୁ ଦୀପ ଶିଖାପରି
ଦିଶେ । ଖୋଜିଥାନ୍ତି ନ ଜାଣିବା ଲୋକେ ଥାଇ ପାଶେ ॥ ଶ୍ରୀ ସମ୍ପ୍ରଦା
ନାରାୟଣ ଏରୂପେ ପ୍ରକାଶି । ଦେଖିଲେ ଚକ୍ରର ସେବା କରେ ବ୍ରହ୍ମା
ବସି ॥ ଯେଉଁ ଚକ୍ରରେ ଦ୍ୱାଦଶ ଶବ୍ଦ ପ୍ରକାଶୁଛି । ଷଡଚକ୍ର ଭେଦି
ନାଦ ଉଠେ ଧ୍ୱନିବୃତ୍ତି ॥ ରାଅ ଅକ୍ଷରକୁ ଟେକି ଥାଏ ଯେତେକାଳ ।
ଶରୀରେ ବସି ଆତ୍ମାକୁ ପ୍ରକାଶେ ନିଶ୍ଚଳ ॥ ରା ଅକ୍ଷର ଏଡ଼ି ନାମ
ଧଇଲେ ମରଇ । ପିଣ୍ଡ ନଷ୍ଟ ଗଲେ ଆତ୍ମା ବ୍ରହ୍ମେ ବିକାଶଇ ॥ ସକଳ
ଜୀବ ଶରୀରେ ଶବ୍ଦ ଆତ୍ମା ଜାଣ । ଶବଦ ଶରୀରୁ ଗଲେ
ଦେହ ମିଶେ ପୁଣ ॥ ଦେହବ୍ୟାପୀ ନାରାୟଣ ନାରାୟଣ ବ୍ରହ୍ମ । ନ
ଚିହ୍ନି ତା ମୂଢ଼େ ମରୁଥାନ୍ତି ହୋଇ ଭ୍ରମ । ଚକ୍ର ଗୋଟି ବ୍ରହ୍ମରୂପୀ
ବ୍ରହ୍ମ ଚକ୍ର ଦଣ୍ଡ । ସେ ବ୍ରହ୍ମ ଚିହ୍ନି ସେବିଲେ ବ୍ରହ୍ମ ଚକ୍ର ପାଇ । ବ୍ରହ୍ମାର
ସେବା ଦେଖିଣ ଦେଲେ ପ୍ରଭୁ ଆଜ୍ଞା । ନସା ଅଗ୍ରୁ କେଶପାଏ
ତିଳକର ଶିଖା ॥ ହରମନ୍ଦିର ଦେଲେ ସେ ତିଳକର ନାମ । ବ୍ରହ୍ମ
ସମ୍ପ୍ରଦା ବୋଇଲେ ଶ୍ରୀ ପୁରୁଷୋତ୍ତମ ॥ ହକାର ଅକ୍ଷର ନାମ ଶୁଣା-
ଇଲେ ପୁଣି । ତଦନ୍ତେ ଗଦା ହସ୍ତକୁ ଘେନି ଗଦାପାଣି ॥ ଦେଖିଲେ
ସେବା କରନ୍ତି ସେ ହସ୍ତ ସନକ । ତାଙ୍କ ଭକ୍ତି ଦେଖି ତାଙ୍କୁ ଦେଲେକ
ତିଳକ । ନାସା ଅଧରୁ ତିଳକ ଦେଇ ତା ଉପରେ । ବିନ୍ଦୁ ମୁଦ୍ରା
ଦେଇ ତାଙ୍କୁ ଘେନିଲେ ସଖୀରେ ॥ ଅଟ୍ଟେ ପାର୍ଥ ମୁଦ୍ରା ଧରି ଉଡ଼ିଛନ୍ତି
ହରି । ସେ ହରି ଶିରରେ ଚଢ଼ି ବନ୍ଧେ ଯେଉଁ ନାରୀ ॥ ଯମୁନା କାଳନ୍ଦୀ

Digitized by srujanika@gmail.com

ହୃଦ ଅଟଇଟି ସେହି । ଉତ୍କଟ କଦମ୍ବ ତରୁଣୀରେ ଅଛି ରହି ॥ ସେ ବୃକ୍ଷ ଶାଖାରେ ବସି ବେଣୁ ଧରି କରେ । ଭାବଗ୍ରାହୀ ବଦନରେ ଫୁଙ୍କନ୍ତି ସ୍ୱରରେ ॥ ମୁରଲି ଯେବଣ ରାଧା ନାମ ଗୋଟି ଡାକେ । ସେ ରାଧାକୁ କେହି ଚିହ୍ନି ନ ପାରନ୍ତି ଲୋକେ ॥ ରାଧା ଅକ୍ଷରଟି ଏ ବେନି ପ୍ରତ୍ୟକ୍ଷରେ ବ୍ରହ୍ମ । ମୁରଲୀ ଡାକଇ ବ୍ରହ୍ମେ ଲଗାଇଣ ପ୍ରେମ ॥ ସେ ମୁରଲୀ ଉଚ୍ଚସ୍ୱରେ ବୋଲେ ରାଧା ରାଧା । ର ଅକ୍ଷର ଜୀବ ପରମ ଅଟଇ ଧା ॥ ସେ ଜୀବ ପରମ ଦୁହେଁ ବେଣୁ ରନ୍ଧ୍ରେ ଅଛନ୍ତି । କ୍ଷଣକରେ ଯାଆ ଆସ କରୁଥାନ୍ତି ବ୍ୟଗ୍ରେ ॥ ସେ ବେନି ଅକ୍ଷର ବିଦ୍ୟମାନ ସର୍ବ ଘଟେ । ତେଣୁ ରାଧା ନାମ ଗୋଟି ରାସକ୍ରୀଡ଼ା ଅଟେ ॥ ଭୁଷଣ୍ଡି ଋଷି ଧରିଣ ଟେକନ୍ତି ସର୍ବଦା । ତାହାଙ୍କୁ ହୋ ପଥ ଋଥ ଶବ୍ଦ ଦେଲେ ରାଧା ॥ ରାଧା ନାମ ଗୋଟି ବ୍ରହ୍ମ ବ୍ରହ୍ମ ରାଧା ଜାଣ । ଜୀବଙ୍କର ଭଜନ ଏ ନାମଟି ପ୍ରମାଣ ॥ ବୁଝିଲେ ସନକ ମୁନି ମହାବ୍ରହ୍ମଜ୍ଞାନୀ । ଶ୍ରୀ ରାଧା ଶ୍ରୀ ବ୍ରହ୍ମ ବୋଲି ପାରିଲେ ସେ ଜାଣି ॥ ରାଧାକୁ ଚିତ୍ତରେ ପାଇ ଅଶ୍ରେ ଢାଳେ ସଦା । ତେଣୁ ପ୍ରଭୁ ନାମ ଦେଲେ ସନକ ସମ୍ପ୍ରଦା ॥ ଦ୍ୱି ଅକ୍ଷର ନାମ ମନ୍ତ୍ର କର୍ଣ୍ଣେ କହିଦେଲେ । ସନକଙ୍କୁ ଶିକ୍ଷା ଦେଇ ରୁଦ୍ରଙ୍କ ଚାହିଁଲେ ॥ ଦେଖିଲେ ସେ ଶଙ୍ଖ ହସ୍ତ ସେବୁଛନ୍ତି ଶିବ । ଯେବଣ ଶଙ୍ଖନାଦରୁ ପ୍ରକାଶିଛି ଜୀବ ॥ ଯହିଁ ଜୀବ ତତ୍ତ୍ୱ ଶିବ ଏକାତ୍ମା ଅଟଇ । ଆତ୍ମା ଗୋଟି ସର୍ବଘଟେ ଅଛି ପୂର୍ଣ୍ଣହୋଇ ॥ ବୁଝିଲେକ ବ୍ରହ୍ମା ବିଷ୍ଣୁ ଈଶ୍ୱରହିଁ ଏକ । ଏ ଯେତେ ଶଙ୍ଖକୁ ଆଜ୍ଞା କଲେ ତ୍ର୍ୟମ୍ବକ ॥ ଶିବଙ୍କ ଭକ୍ତି ଦେଖିଣ ଭକ୍ତଭାବଗ୍ରାହୀ । ଭୁରୁ ମଧ୍ୟରେ ତିଳକ ବିନ୍ଦୁ ଦେଲେ ନେଇ ॥ ନାସା ଅଗ୍ର ନାସାର୍ଦ୍ଧରେ ରହିଲା ତିଳକ । ଈଶ୍ୱରଙ୍କ ଅଙ୍ଗେ ଦେଲେ କମଳା-ନାୟକ ॥ ସ୍ଥାନକୁ ଚିହ୍ନି ତିଳକ ବସାଇଲେ ନେଇ । ଏ ତିନି ସ୍ଥାନରୁ ଆଉ ଅଧିକ ଯେ ନାହିଁ ॥ ଏ ତିନି ସ୍ଥାନରେ ଉଦେ ହୋଇଅଛି ଯାହା । ଜ୍ଞାନଙ୍କ ଗୋଚର ନୋହେ ଅଜ୍ଞାନଙ୍କ ତାହା ॥ ତାହା ନ ଚିହ୍ନି ମରନ୍ତି ଲୋକେ ହୋଇ କର୍ମୀ । କରନ୍ତି ସେ ଧର୍ମ ନାଶ ବନ୍ଧନେ ପଡ଼ି

Digitized by srujanika@gmail.com

ଭୃମି । ଏମନ୍ତ ମନେ ପାଣ୍ଡୁ ସେ ମହାମନ୍ତ୍ର କଲେ । ତିନସ୍ଥାନର ତିଳକ ଟେକ ପ୍ରକାଶିଲେ । ରାମକୃଷ୍ଣ ହର ନାମ ଭଜ ଅହୋରାତ୍ର । ତେଣୁ ସେହି ନାମ ଜାଣ ଦେଲେ ମହାମନ୍ତ୍ର । ମନମଧ୍ୟେ ହେତୁ କରି ବୁଝିଲେ ସଜନେ । ତେବେ ସେହି ମନ୍ତ୍ର ପଦ ଜାଣିବେ ସୁଜନେ । ହର ଅଙ୍ଗୁ ରାମକୃଷ୍ଣ ଅଙ୍ଗ ପ୍ରକାଶଇ । ହରରେ ନିମନ୍ତି ତାହା ନାମକୁ କହଇ ॥ ରାମ ନାମ ଚାରି ପାର୍ଥ କୃଷ୍ଣ ନାମ ଚାରି । ହର ନାମ ଅଠ- ଗୋଟି ଭାବ ମନେ ଧରି ॥ ଅଧ୍ୟେ ପ୍ରାନ୍ତେ ହରହର ତେଜ ବହରନ୍ତେ । ତେଣୁ ହର ଅଠନାମ ବସେ ମହାମନ୍ତ୍ରେ । ଏ କ୍ରମରେ ଷୋଳନାମ ଷୋଡ଼ଶେ ଦ୍ୱାତ୍ରିଂଶ । ଶ୍ଲୋକ ପଦପ୍ରାଣ ଅର୍ଥ କଲେ ଜଗଦୀଶ ॥ ହରେ ରାମ କୃଷ୍ଣ ଖଞ୍ଜି ମହାମନ୍ତ୍ର ଧରି । ରୁଦ୍ର କଣ୍ଠେ କହି ହର ସମ୍ପଦା ଯେ କରି । ଚାରି ଅଧ୍ୟୁଥରୁ ଚାରି ସମ୍ପ୍ରଦା ପ୍ରକାଶ । ଗୃହଦ୍ୱାର ଚାରି ଯେତ କହି ବ୍ରଜବାସୀ । ଏ ଚାରି ସମ୍ପ୍ରଦା ଦ୍ୱାର ଜାଣ ଏକା ଭକ୍ତି । ସ୍ମରଣ ଭଜନ ଏକା ଏକା ଜାଣ ମୁକ୍ତି । ଏକ ଜ୍ଞାନ ଏକ ଲୟ ଏକ ମହାମନ୍ତ୍ର । ୪ ଚାରି ସଂପ୍ରଦା ଜନ୍ମ ଠ.ଥି ଏକ ଗର୍ଭ । ଏକମନ ଏକପ୍ରାଣ ଏକ ପୁଣି ଧନ । ଏକା ହୁହୁଁ ଉପୁଜ ବହନ୍ତି ଚାରି ନାମ । ଯାହାର ଯେତେ ମହିମା କହିବା ତା ଶୁଣ । ଏ ଚାରି ସମ୍ପ୍ରଦା ବଇଷ୍ଣବଙ୍କର ଗୁଣ ॥ ଏଥିକୁ ଉପମା ଦେଇ କହୁଅଛୁଁ ତୋତେ । ଏ ଚାରିଙ୍କ ଭକ୍ତି ଭିନ୍ନ ନୋହେ କଦାଚିତେ । ହରେ ରାମ କୃଷ୍ଣ ଯେଉଁ ନାମ ଦେଲେ କହି । ଜପେ ଭଜନ୍ତି ଚଣ୍ଡାଳ ତାହା ନ ଭଜଇ । ଦ୍ୱାଦଶଗୁଣେ ବ୍ରାହ୍ମଣ ଥିଲେ ଯୁକ୍ତ ହୋଇ । ବିଷ୍ଣୁ ନ ଭଜିଲେ ତାଙ୍କ ଗତି ମୁକ୍ତି ନାହିଁ । ତେବଣ ବ୍ରାହ୍ମଣ ଚାରିଜାତିଙ୍କର ମାନ୍ୟ । ଉଦ୍ଧାର ନ ପାରେ ନିଜ ଆତ୍ମା ଭକ୍ତି ଭିନ୍ନ । ଚାଣ୍ଡାଳ ଯଦ୍ୟପି ଲୟ ରଖେ ବିଷ୍ଣୁ ପାଦେ । ସେହି ତରିଯାଏ ଏହି ସଂସାରର ମଧ୍ୟେ । ଏଣୁ କି ସବୁଧ ଜନ୍ମ ହେଇ ଏକା ଜାଣ । ଭକତବତ୍ସଳ ଠ ହିଁ ପଦ୍ମ ଦଂଷ୍ଟ୍ରୀ ନାରାୟଣ । ଯହାର ଯେପରି ଭକ୍ତି ଶ୍ରୀହରି ପଦରେ । ପରିଣାମ ଫଳ ତାର ହୁଏ ସେ ପ୍ରକାରେ ।

Digitized by srujanika@gmail.com

ଦେଖ ଗୃନ୍ଥଦ୍ୱାରେ ଜଗନ୍ମୋହନକୁ ଗଲେ । ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ସକଳେ ॥ ଶୁଦ୍ଧ ଚିଭୁଳା ନିର୍ମାଣ କରି ରଖିଦେବା । ଯେ ଯେଉଁ ଅନ୍ତର ଯାଇଁ ଭୁଞ୍ଜନ୍ତି ନା ଅବା ॥ ସକଳେ ଶୁଦ୍ଧ ଭୋଜନ କରନ୍ତି ଯେସନ । ଏ ଗୁରୁ ସମ୍ପ୍ରଦା ଗୁଣ ଜାଣ ସେହିପରି ॥ ଜେ ଅନନ ଭକ୍ତେ କେହୁ ଭଜଇ ଚରଣ । ନୟନ ଜେ ଭକ୍ତେ କେହ୍ଵ ନାସିକା ଶ୍ରବଣ ବସ୍ତରଲେ ଚରଣକୁ ସମ କେହି ନୋହେ । ଯେଉଁ ପାଦ ନଖ ଜୋଣୁ ଗଙ୍ଗାବାର ବହେ ॥ ଯେ ପାଦସ୍ପର୍ଶନ ମାତ୍ରେ ଅହଲ୍ୟା ତରନ୍ତି । ବଳୀରାଜା ଯେଉଁ ପାଦେ ଶରଣ ପଶିଲା । ଯେଉଁ ପାଦ ଯୋଗୀ ଶୁକ ସନକାଦି ଜ୍ଞାନୀ । ମୁଁ କିସ ଲେଖିବି ଜନ୍ମ ବାନ୍ଧ ନର ଯୋନି ॥ ସହସ୍ରଫଣାକୁ ବାନ୍ଧି କଲ ସର୍ପରାଜ । କହିବାକୁ ଶକ୍ୟ ନାହିଁ ପାଦଙ୍କର ଲାଜ ॥ କେବଳ ଶ୍ରୀ ପ୍ରଭୁଙ୍କର ହେବାରୁ ମୁଁ ଦାସ । ଯାହା ଲେଖିଲି ସୁଜନେ ନ ଧରିବ ଦୋଷ ॥

ଇତି ଶ୍ରୀନାମଚନ୍ଦ୍ରଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଗୁରୁସମ୍ପ୍ରଦା ଜନ୍ମ କଥନଂ ନାମ ଚତୁଃଷଷ୍ଟିତମୋଽଧ୍ୟାୟଃ ।

ପଞ୍ଚଷଷ୍ଟିତମ ଅଧ୍ୟାୟ ।

ଶ୍ରୀକୃଷ୍ଣଙ୍କ ମୁଖରୁ ଏସନ ବାକ୍ୟ ଶୁଣି । ଭାବନ୍ତି ମନରେ ଷାରନର ଫାଲ୍ଗୁନୀ ॥ ବୋଲନ୍ତି ଅର୍ଜୁନ କହ ପ୍ରଭୁ ଭଗବାନ । କେଉଁ କେଉଁ ସମ୍ପ୍ରଦାରେ ଜନ୍ମ କେଉଁ ଜନ ॥ କେ ନାମ ଭଜନ କଲେ କହ ତାହା ମୋତେ । ଶ୍ରୀକୃଷ୍ଣଚନ୍ଦ୍ର କହନ୍ତି ଅର୍ଜୁନ ଅଗ୍ରତେ ॥ ବଶିଷ୍ଠ ମରୀଚି ମୁନି ଅଙ୍ଗିରା ଯେ ଦକ୍ଷ । ଲଲାଟେ ଠନ୍ତା ଚଢ଼ାଇ ହୋଇଲେ ଏ ମୋକ୍ଷ । ଜାବାଳି କଶ୍ୟପ ମୁନି ବାମଦେବ ଯତି । କପିଳ କଣ୍ୱ ସନକ ଭୃଗୁ ପଉଲସ୍ତି ॥ କବି ଦବି ଋଷ୍ୟଶୃଙ୍ଗ ଅଷ୍ଟାବକ୍ର ମୁନି । ମହା-ଋଷି ଯାଜ୍ଞବଲ୍କ୍ୟ ଅବର ଜୈମିନି ॥ ଏମାନେ ଶ୍ରୀବଶିଷ୍ଠ ସମ୍ପ୍ରଦାରେ ଉଦ୍ଧ । ଶ୍ରୀଧାମର ମନ୍ତ୍ର ଭେଦ ରକ୍ଷା କଲେ ଦେଖ ॥ ନାମ ମହାମନ୍ତ୍ର ଜପି ଅମ୍ଭାକୁ ତାରିଲେ । ଆପଣା ଆପଣା ଶିଷ୍ୟବର୍ଗେ ମନ୍ତ୍ର ଦେଲେ ॥ ଏବେ ହେ କହିବା ବ୍ରହ୍ମ ସମ୍ପ୍ରଦାର ଶିଷ୍ୟ । ଅସୁର ନାରଦ ପଞ୍ଚ-ଶିଖ ବେଦବ୍ୟାସ ॥ ଅଗସ୍ତି ଗୌତମ ମୁନି କଭୁ ପରାଶର । ରୋମଶ

Digitized by srujanika@gmail.com

ଅତ୍ରେୟ ମୁନି ଚ୍ୟବନ ଅବର ॥ ସ୍ଥୂଳଶ୍ରି କୃପାଚଳ ବଇଶମ୍ପାୟନ ।
ଯାହା ଅଗ୍ରରୁ ଜଳକ ପେଇଲେ ବନ୍ଦନ ॥ ସମସ୍ତେ ତ ମହାଜ୍ଞାନୀ ଏକୁ
ଏକ ବଳୀ । ଶ୍ରୀ ପରମହଂସ ଦୀକ୍ଷା ଭଜନ ସବୁଠ ॥ ସମାନ କରି
ମଣନ୍ତି ସକଳ ଅମ୍ଭଙ୍କୁ । ପ୍ରଧାନ କରି ମାନନ୍ତି ନାମ ଭଜନକୁ ॥
ନିଶି ଦିବା ଜପୁଥାନ୍ତି ନାମକୁ କେବଳ । ଦୃଢେ ବସି ଥାନ୍ତି କରି
ଆସନ ନିଶ୍ଚଳ ॥ ବ୍ରହ୍ମଜ୍ଞାନରେ ନିପୁଣ ଯୋଗେ ମହାଜ୍ଞାତା । ସମଦରଶୀ
ପଣ୍ଡିତ ଅମୃତତତ୍ତ୍ୱ ବକ୍ତା ॥ ସକଳ ଦେହରେ ନାରାୟଣଙ୍କୁ ଚାହାନ୍ତି ।
ପ୍ରାଣୀଙ୍କି ମୋକ୍ଷ କାରଣ ଜ୍ଞାନ ସଞ୍ଚରନ୍ତି ॥ ନିରୋଧି ରଖି ପାରନ୍ତି ଦଶ
ଗୋଟି ଦ୍ୱାର । ମନ ସଂଯମ କରଣ ଟେକନ୍ତି ଓଁକାର ॥ ମୂର୍ଦ୍ଧନା ଉପରେ
ତ୍ରିଂଶ ନଗର ସହରେ । ଏକଲୟ କରି ବ୍ରହ୍ମ ଚିନ୍ତନ୍ତି ହୃଦରେ ॥ ବ୍ରହ୍ମ
ସ୍ୱରୂପର ନାମ କରନ୍ତି ଭଜନ । ଏହି ଜପ ଗୋଟି ପାର୍ଥ ଅଟେ ବ୍ରହ୍ମ-
ଜ୍ଞାନ ॥ ଏ ଜପକୁ ତ୍ୟାଗ କଲେ ଦେବ ହେଲେ ନର । ଏହି ଜପକୁ
ହୃଦରେ ଥିବୁ ପାର୍ଥ ଧର ॥ ଏ ଜପ କୃଷ୍ଣେ ବସିଲେ ସନକାଦି ଋଷି ।
ଏବେ ସନକ ସମ୍ପ୍ରଦା ଶୁଣ ହୋ ବହୁଶ୍ରି ॥ ଦୁର୍ବାସା କୌଶିକ ଲୋମଶ
ଗାର୍ଗ୍ୟ ବଭ୍ରାଣ୍ଡକ । ସନାତନ ଭରଦ୍ୱାଜ କୋକିଳ ସନକ ॥ ବେଦଗର୍ଭ
କାଳଞ୍ଜନ ଉଶନା ଗାଲବ ॥ ଉଦ୍ଦାଳକ ଭରଦ୍ୱାଜ ଯେ ମୁନିପୁଙ୍ଗବ ॥
କୃଷ୍ଣାତ୍ମକ ଜ୍ଞାନାତ୍ମକ ସବୁ ପୌରାଣିକ । ଏହାଙ୍କର ଜାଣ ହର ମହର
ତିଳକ ॥ କୃଷ୍ଣରୂପି ନନ୍ଦକର୍ଣ୍ଣି ସତ୍ୟନନ୍ଦ ମୁନି । ସନକ ସମ୍ପ୍ରଦା ଏହି
ଜାଣ ଫାଲଗୁନି ॥ ନାସାରେ ହରିମନ୍ଦିର ତିଳକ କାଟିଲେ । ହୃଦ
ବୈଷ୍ଣବ ବୋଲାଇ ଧ୍ୟାନରେ ବସିଲେ ॥ ଜୀବପରମଙ୍କୁ ଧ୍ୟାନ କଲେ ଏ
ସକଳେ । ପରମହଂସଙ୍କୁ ଚିହ୍ନି ଯୋଗ ଲୁବ୍ଧକଲେ ॥ ଷଡ଼ଚକ୍ର ଭେଦି
ଯେଉଁ ଶବ୍ଦ ଧ୍ୱନି କରେ । ପଞ୍ଚାଶ ପାଖୁଡା ପଦ୍ମ ଶରୀରେ ହୃଦୁରେ ॥
ସେ ଶବଦ ଗୋଟି ଶୁଭେ ଦ୍ୱାଦଶ ପ୍ରକାର । ଏ ଋଷିମାନଙ୍କୁ ଏକା
ସେ କଥା ଗୋଚର ॥ ଝିଣି ଚିଣି ଝିଣି ଝିଣି ଶଙ୍ଖ ହେଷ୍ଟ ଶବ୍ଦ ।
ତାଳ କଂସାଳ ମୃଦଙ୍ଗ ବଂଶୀର ନାଦ ॥ ଘଣ୍ଟି ଘଣ୍ଟା ଘାଗୁଡ଼ି ଯେ
ଘଣାନନ୍ଦରବେ । ଏ ବାର ଛନ୍ଦ ବାଜଣ ଗୋଲ୍ଲହାଟେ ଶୁଭେ ॥

Digitized by srujanika@gmail.com

ସେ ଷଡଦଳରୁ ଜାଣିଣ ବସନ୍ତି ଏ ମୁନି । ସମସ୍ତଙ୍କ ଦେହେ ଶୁଭେ ନ ପାରନ୍ତି ଛାଡ଼ି ।। ତଥାପି ସେ ଗୋଲକହାଟ ଜାଣି କେ ନ ପାରେ । ତେଣୁ ଏହୁ ଶବ୍ଦଗୋଟି ନୁହଇ ଗୋଚରେ ।। ଚହ୍ନିଣ ସେବଲେ ଏହା ସନକସମ୍ପ୍ରଦା । ଏ ଧର୍ମ ଅଣ୍ଡାରେ ପାର୍ଥ ଜଣେ ଜ୍ଞାନପଦା ।। ରୁଦ୍ର ସମ୍ପ୍ରଦା କହିବା ଶୁଣ ଏକଚିତ୍ତେ । ବାଲ୍ମୀକ ଦଧିଚ କୃଷ୍ଣାତ୍ରେୟ ଏ ସମସ୍ତେ ।। କଲ୍ପଋଷି ଯଜ୍ଞମୁନି ବିଶ୍ୱଶ୍ରବା ମୁନି । ମୃକଣ୍ଡ ମାର୍କଣ୍ଡ ଋଷି ମନ୍ଦର ଏ ଜନ ।। ଦେବଋଷି ରାଜଋଷି ବ୍ରହ୍ମଋଷିମାନେ । ସୁହଂସୀ ପରମହଂସୀ ହଂସୀ ଶୁଦ୍ଧଜନେ ।। ଇନ୍ଦ୍ର ଚନ୍ଦ୍ର ନଇର୍ଋତ ମରୁତ ଭାସ୍କର । ବରୁଣ ଯେ ବୃହସ୍ପତି ଯମ ବୈଶ୍ୱାନର ।। ବସୁମନ୍ତ ବାସୁକି ଯେ ଯୋଗ ଗ୍ରହ ଛନ୍ଦି । କରଣ ବାର ଯେ ରୁଦ୍ର ସମ୍ପ୍ରଦା ବୋଲନ୍ତି ।। ଭୃକୁ ମଧ୍ୟରେ ଯେଉଁଲେ ବନ୍ଧୁ ଏ ଜଳକ । ଏମନ୍ତ ଗୃହ ସମ୍ପ୍ରଦା ସମ୍ବାଦ ଗୋଲୋକ ।। ବ୍ରହ୍ମାଙ୍କ ଗୋଚରେ ତାହା ସମର୍ପଣ କରି । କଳି ଯୁଗ ପାଇଁ ରଖ ବୋଇଲେ ଶ୍ରୀହରି ।। ମୋକ୍ଷହେବେ ପ୍ରାଣୀମାନେ ଯେଜନେ ଏ ମନ୍ତ୍ର । ହରେ ରାମ କୃଷ୍ଣ ଗୃହ ସମ୍ପ୍ରଦାର ତନ୍ତ୍ର ।। ମୋକ୍ଷ ଲଭିବେ ଏ ଗୀତା ପଠନ ଶ୍ରବଣେ । ଧ୍ୟାୟି ପାଦପଦ୍ମ ଘନକୃଷ୍ଣ ଦାସ ଭଣେ ।।

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜ୍ଜୁନସଂବାଦେ ସମ୍ପ୍ରଦା
ବିଭାଗ କଥନଂ ନାମ ପଞ୍ଚଷଷ୍ଠିତମୋଽଧ୍ୟାୟଃ ।

—※○※—

ଷଟ୍‌ଷଷ୍ଠିତମ ଅଧ୍ୟାୟ ।

ଅର୍ଜ୍ଜୁନ ଉବାଚ ।

ଅର୍ଜ୍ଜୁନ ବୋଲଇ ପ୍ରଭୁ ଶୁଣ ବାସୁଦେବ । ହରେ ରାମ କୃଷ୍ଣ କେତେ ଜାଣିବେ ମାନବ ।। ଶ୍ରୀହରି ବୋଇଲେ ତାହା କହୁଅଛୁ ତୋତେ । ନାରାୟଣ କହିଥିଲେ ବ୍ରହ୍ମାଙ୍କୁ ଯେମନ୍ତେ ।। ହରି ଶବ୍ଦ ନୃସିଂହରେ ପ୍ରବର୍ତ୍ତିଲ ଜାଣ । ଅମ୍ଭେ ନୃସିଂହ ରୂପରେ ହୋଇବୁ

Digitized by srujanika@gmail.com

ଜନମ ॥ ସତ୍ୟଯୁଗେ ଜନ୍ମ ହେବୁ କଳେବର ବନ୍ଧ । ବଦରିକାଶ୍ରମେ ଯାହିଁ ନିଜଧାମେ ରହି ॥ ଅବତାର ହେବୁଁ ଅମ୍ଭେ ସ୍ୱୟଂ ପରଂ-ବ୍ରହ୍ମ । କୃଷ୍ଣବଲ୍ଲଭ ହୋଇବ ଅମ୍ଭ ପିତା ନାମ ॥ ଅମ୍ଭ ମାତାଙ୍କର ନାମ ହେବ ଭଗବତୀ । ତାଙ୍କ ଗର୍ଭେ ଜନ୍ମହେବୁଁ ଅମ୍ଭେ ବେଦମୂର୍ତ୍ତି ॥ ଶ୍ରୀ ନୃସିଂହ ଶେଷ ନାମେ ବେଦମୂର୍ତ୍ତି ହେବୁଁ । ଏ ଅବତାରରେ ମୁର-ଦୈତ୍ୟ ବିନାଶିବୁଁ ॥ ବୈକୁଣ୍ଠରେ ଦ୍ୱାରୀ ଜୟ ବିଜୟ ଯେ ଦୁଇ । ପ୍ରଥମ ଜନ୍ମରେ ମୁରାସୁର ସେ ଯେ ହୋଇ ॥ ମୁରକୁ ମାରି ମୁରାରି ଅମ୍ଭେ ବୋଲାଇବୁଁ । ଦାରୁଣ ଦୈତ୍ୟକୁ ଶେଷ ହାତେ ମରାଇବୁଁ ॥ ପୁନଶ୍ଚ ଅସିବୁଁ ଅମ୍ଭେ ଏ ନିତ୍ୟବୈକୁଣ୍ଠ । ସେ ବେନି ଦଇତ୍ୟଗଣ ମଧ୍ୟେ ହେବେ ଶ୍ରେଷ୍ଠ ॥ ହିରଣ୍ୟକଶିପୁ ହିରଣ୍ୟାକ୍ଷ ବେନି ନାମ । ପ୍ରତାପଶାଳୀ ହୋଇବେ ସେହି ବେନିଜନ ॥ ଅମ୍ଭ ବେନି ଅବତାର ସେକାଳେ ହୋଇଣ । ପୃଥିବୀରେ ପ୍ରକାଶିବୁଁ ବରାହ ରୂପେଣ ॥ ହିରଣ୍ୟକଶିପୁ କୋଳେ ପ୍ରହ୍ଲାଦ ଜନମ । ହୋଇଲା ମାତ୍ରେ କରିବ ମୋ ନାମ ସ୍ମରଣ ॥ ନାମ ଶୁଣି କୋପକରି ଉଠିବ ହିରଣ୍ୟ । ବୋଲିବ କାହିଁ ତୋ ହରି କହ ରେ ନନ୍ଦନ ॥ ଶୁଣି ହସ୍ତେ ବାଳଶିଶୁ ବୋଲିବ ଦୈତ୍ୟକୁ । ସବୁଠାରେ ଛନ୍ତି କେହି ନ ଦେଖେ ତାହାଙ୍କୁ ॥ ଭୂମିଦେହେ ଅମ୍ଭ ଦେହେଁ ଅଛନ୍ତି ସେ ହରି । ସବୁଘଟେ ରହିଣ ଅଛନ୍ତି ସେହିପରି ॥ ଦେଖିବାକୁ ଇଚ୍ଛା ଯେବେ ଅଛଇ ହେ ତାତ । ଏହି ସ୍ତମ୍ଭେ ମୋର ପ୍ରଭୁ ଅଛନ୍ତି ନିଶ୍ଚିତ ॥ ପୁତ୍ରମୁଖୁ ଶୁଣି ଦୈତ୍ୟ ଉଠିଣ ସତ୍ୱରେ । ପାଦ ପ୍ରହାର କରିବ କ୍ରୋଧେ ସେ ସ୍ତମ୍ଭରେ ॥ ନୃସିଂହରୂପେଣ ଅମ୍ଭେ ସେ ସ୍ତମ୍ଭୁ ବାହାରି । ପକାଇବୁଁ ନଖେ ଦୈତ୍ୟବକ୍ଷକୁ ବିଦାରି ॥ ଅମ୍ଭ ହାତେ ହତ ହୋଇ ବୈକୁଣ୍ଠକୁ ଯିବ । ରହି ତହିଁ ହରିମନ୍ତ୍ରେ ବ୍ରହ୍ମ ଦେଖୁଥିବ ॥ ସତ୍ୟ ଯୁଗ ଅନ୍ତେ ପୁଣି ତ୍ରେତା ଯୁଗେ ଦୈତ୍ୟ । ରାବଣ କୁମ୍ଭକର୍ଣ୍ଣ ନାମେ ହୋଇବେ ଜାତ ॥ ରାମଅବତାର ହୋଇ ମର୍ତ୍ତ୍ୟେ ପ୍ରକାଶିବୁଁ । ଜନକ କନ୍ୟାକୁ ଅମ୍ଭେ ବିବାହ କରିବୁଁ ॥ ଏହାଙ୍କୁ

Digitized by srujanika@gmail.com

ସେହି ନେବ ସେ ଦୁଷ୍ଟ ରାବଣ । ସେ ଯୋଗୁ ଲଙ୍କାକୁ ଅମ୍ଭେ କରିବୁଁ ଗମନ ॥ ଘୋର ଯୁଦ୍ଧେ ବିନାଶିବୁ ବେଦ ଦଇତଙ୍କୁ । ରାମ ମନ୍ତ୍ରରେ ଦେଖିବ ସେହି ସେ ବ୍ରହ୍ମଙ୍କୁ ॥ ଦ୍ୱାପରରେ ମିଶିଣ ରାମ ରହିବ ଧରଣୀ । ସେ ପୁଣି ହୋଇବେ ଶାଲ୍ୱ ଶିଶୁପାଳ ବେନି । ଅମ୍ଭେ କୃଷ୍ଣରୂପ ଧରି ଚକ୍ରରେ ଛେଦିବୁଁ । ଅସୁର ଜନ୍ମରୁ ତାଙ୍କୁ ମୁକତ କରିବୁଁ ॥ ତେବେ ହରେ ରାମରେ ଯେ କୃଷ୍ଣ ମିଶିଯିବ । ମହାମନ୍ତ୍ର ହୋଇ ସବୁ କାଳେ ରହିଥିବ ॥ ହରେ ରାମ କୃଷ୍ଣ ମହାମନ୍ତ୍ର ପୃଥ୍ୱୀଯାକେ । ଘେନିବେ ଗୁରୁ କରଣ ସଂସାରର ଲୋକେ ॥ ନ ଜାଣନ୍ତି ମୋର ନାମ ଅନ୍ତ ପଶୁପତି । ତୁମ୍ଭେ ଜନ୍ମ ନୋହୁଣୁ ହୋଇଲଣି ମନ୍ତ୍ର ମୂର୍ତ୍ତି ॥ ବିଧାତା କାହୁଁ ପାଇବ ମୋ ନାମର ଅନ୍ତ । ଅନନ୍ତ ମହିମା ଯାର ଅଶ୍ରୁତ ଅବ୍ୟକ୍ତ ॥ ସାଧୁଙ୍କ ହିତେ ବୈକୁଣ୍ଠୁ ଆସେ ଅବତରି । ଦୁଷ୍ଟମାନ ନାଶିଣ ଧର୍ମରକ୍ଷା କରି ॥ ଯୁଗେ ଯୁଗେ ଉପୁଜି ମୁଁ ବୈକୁଣ୍ଠକୁ ଯାଏ । ମନ ଦେଇ ଶୁଣ ପାଣ୍ଡୁରାଜାର ତନୟେ ॥ ସତ୍ୟ ତ୍ରେତା ଦ୍ୱାପରର ଅନ୍ତେ କଳି ହେବ । ହରେ ରାମ କୃଷ୍ଣ ମହାମନ୍ତ୍ର ଉପୁଜିବ ॥ ଗୁରୁ କରି ମନ୍ତ୍ର ଘେନ ଏହୁ ସର୍ବୋତ୍କୃଷ୍ଟ । ହରେ ରାମ କୃଷ୍ଣ ଜପ ହରେ ରାମ କୃଷ୍ଣ ॥ ବିନା ଗୁରୁରେ ଏ ମନ୍ତ୍ର କରିଲେ ଗ୍ରହଣ । ଜାଣିଥିବ ପ୍ରାଣୀମାନେ ହେବେ ଅକାରଣ ॥ ଶୁଣିକରି ଅରଜୁନ ହୋଇଲେ ସନ୍ତୋଷ । ଲେଖିଲା ରଙ୍ଗାପଦ୍ମର ଚନ୍ଦ୍ର ତାଙ୍କ ଦାସ ।

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ମହାମନ୍ତ୍ର ସ୍ୱରୂପବର୍ଣ୍ଣନଂ ନାମ ଷଷ୍ଠଷଷ୍ଠିତମୋଽଧ୍ୟାୟଃ ।

[illegible]ନାଥ ଚ
ପ୍ରତିଷ୍ଠା
[illegible]

ସପ୍ତଷଷ୍ଠିତମ ଅଧ୍ୟାୟ ।

ଅର୍ଜୁନ ଉବାଚ ।

ଅର୍ଜୁନ ବୋଇଲେ ଅହେ ରମା ପ୍ରାଣକାନ୍ତ । କଳିଯୁଗେ ହେବେ ଲୋକ ଚେତେକ ସମ୍ମୂଢ ॥ କିଏ କେଉଁ ମନ୍ତ୍ର ନେବେ ତାହା

Digitized by srujanika@gmail.com

ମତେ କହ । ଗୁରୁ ସମ୍ପ୍ରଦା ବିଭାଗ କହ ଦୟାମୟ ॥ କେଏସେ କେଉଁ ଧର୍ମକୁ ଭଜନ୍ତି ପୁଣି । କେଉଁ ଦ୍ୱାର କେଉଁ ଧାମ କହ ଚକ୍ରପାଣି ॥ ଶ୍ରୀହରି ବୋଇଲେ ଶୁଣ ବୀର ଅରଜୁନ । ଯେମନ୍ତେ ହରି କହିଲେ ବ୍ରହ୍ମାଙ୍କ ଅଗ୍ରେଣ ॥ ଯେ ଜନ ହୋଇବ ଯେଉଁ ସମ୍ପ୍ରଦାର ଗୁରୁ । ତାହାଙ୍କର ନାମ ଗୁଣ ଶୁଣ ମୋ ମୁଖରୁ ॥ ଆଦ୍ୟ ମଧ୍ୟ ପ୍ରାନ୍ତ ମୋତେ ସଦା କାଳେ ସତ । ତୁମ୍ଭେ ବିନା ଜନ୍ମ ହୋଇ ଯାଉ ଆଥ ମତ ॥ ନବ ଚୈତନ୍ୟ ସ୍ୱରୂପ ପ୍ରକାଶ ଯେ ରୂପ । ଏ ଗୁରୁ ଧର୍ମର ପାର୍ଥ ଜାଣ ସେହି ବାପ ॥ ଏହି ଗୁରୁ ରୂପ ଗୁରୁଶୂନ୍ୟ ଅବୋରଲେ । ସ୍ୱର ଧାମ ଗୁରୁକ୍ଷେତ୍ର ଗୁରୁଦ୍ୱାର ହେଲେ ॥ ଏ ଭବ ସ୍ୱାମର ଗୁରୁ-ଦେବନ୍ତ ପ୍ରମାଣ ! ଅର୍ଜୁନ ଶୁଣନ୍ତୁ କହୁଛନ୍ତି ନାରାୟଣ ॥ ଯେଉଁ ସମ୍ପ୍ରଦାର ଗୁରୁ ଯେଉଁ ସ୍ୱାମୀ ହେବେ । ତାଙ୍କ ନାମମାନ କହୁଦେବା ଶୁଣ ଏବେ ॥ ରାମାନନ୍ଦ ହେବେ ଜାଣ ଶ୍ରୀସମ୍ପ୍ରଦା ଗୁରୁ । ଶ୍ରୀ ମାଧବାନନ୍ଦ ବ୍ରହ୍ମ ସମ୍ପ୍ରଦାର ଗୁରୁ ॥ ଶନକ ସମ୍ପ୍ରଦାର ଗୁରୁ ନିତ୍ୟାନନ୍ଦ । ରୁଦ୍ର ସମ୍ପ୍ରଦାର ଗୁରୁ ହେବେ ଶ୍ୟାମାନନ୍ଦ ॥ ଏ ଗୁରୁ ପଣ୍ଡିତେ ଗୁରୁ ସମ୍ପ୍ରଦାୟିକାରୀ । ପ୍ରାଣୀଙ୍କି ମୋକ୍ଷ କରିବେ ମର୍ତ୍ତ୍ୟ ଅବତରି ॥ ନାମବ୍ରହ୍ମ ମହାମନ୍ତ୍ର କର୍ଣ୍ଣରେ କହିବେ । ବୈକୁଣ୍ଠର ଗୁରୁଦ୍ୱାରେ ଅବୋରି ରହିବେ ॥ ମାଧବାନନ୍ଦଙ୍କର ଅଟଇ ପ୍ରାଚୀଦ୍ୱାର । ପ୍ରତୀଚୀ ଦ୍ୱାର ଅଟଇ ରାମାନନ୍ଦଙ୍କର । ନିତ୍ୟାନନ୍ଦଙ୍କର ଦ୍ୱାର ଅଟଇ ଉତ୍ତର । ଶ୍ୟାମାନନ୍ଦଙ୍କର ଅଟେ ଦକ୍ଷିଣ ଦୁଆର ॥ ଏ ଗୁରୁ ପଣ୍ଡିତେ ଗୁପ୍ତ ଦ୍ୱାରକୁ ଧାରଣା । ତୁମ୍ଭ ଆଗରେ କହିଲି ଦ୍ୱାରର ଠିକଣା ॥ ଏହି ଗୁରୁ ପଣ୍ଡିତଙ୍କ ହୃଦେ ନାହିଁ ଛନ୍ଦ । ନ ଜାଣି ପାପିଷ୍ଠ ଜନେ ଲଗାନ୍ତି ଯେ ଦ୍ୱନ୍ଦ ॥ ଶ୍ରୀ ବଇକୁଣ୍ଠର ମେର ଗୁରୁଦ୍ୱାର ହରି । ଯେ ଯେଉଁ ଦ୍ୱାରେ ସେବିଲେ ଏକଭୂତି ହରି ॥ ଏ ଦ୍ୱାରତ ଏକା ପରଦ୍ୱାର ବିନା ଭିନ୍ନ । ଏ କଥା ମନେ ପାଉଛନ୍ତି ସୁପଣ୍ଡିତ ଜନ ॥ ଶ୍ରୀରାମାନନ୍ଦଗୁରୁଙ୍କ ପନ୍ଥା ଶୁଣ ଏବେ । ଯହାର ଲୋକଙ୍କ ହିତେ ପଶୁରଲ ଯେବେ । ତ୍ରୈଲୋକ୍ୟର ମହା-

Digitized by srujanika@gmail.com

ବ୍ରହ୍ମ ଯେଉଁ ନାରାୟଣ । ଯାବନ୍ତ ଶବଦ ଅଛୁ ତହିଁରେ ସେ ପୂର୍ଣ୍ଣ ॥ ସେହି ଶବଦ ସକଳ ଘଟେ ହୋଇ ଧ୍ୱନି । ସେହି ଧ୍ୱନିକି ଓଁକାର ବୋଲେ ବ୍ରହ୍ମଜ୍ଞାନୀ ॥ ଜ୍ଞାନଭିନ୍ନ ଆନ ଚିହ୍ନି ନ ପାରେ କେ ପିଣ୍ଡେ । ବ୍ରହ୍ମସ୍ୱରୂପ ସେ ଏକା ପୂରିଛି ବ୍ରହ୍ମାଣ୍ଡେ ॥ ଝଙ୍କିଲେ ଅଛନ୍ତି ଯେସନେ ତେଜିଲ ଧାରା ବନ୍ଦେ । ଶୁଭଇ ନାନାବି ବାଦ୍ୟ ଯେସନେ ଏକା ପ୍ରାଣେ । ସେହିରୂପେ ବ୍ରହ୍ମ ଅଛି ଅନ୍ତରରେ ପୂରି । ନ ମନ୍ତି ସକଳ ଘଟେ ଧ୍ୱନିକି ଅବୋଧ ॥ ସର୍ବତ୍ର ପୂରଣ ବ୍ରହ୍ମ ଶବ୍ଦେ ପୂର୍ଣ୍ଣ ହେଲା । ଯାହୁ ପାଷାଣ ଆବର ତରୁ ଗୁଳ୍ମ ଶିଳା ॥ ଗୁଣାଦି ଯନ୍ତ୍ରକୁ ଘେନ ଯେସନେ ଦ୍ରବ୍ୟ ଭେଦ । ସବୁ ସ୍ଥାନରେ ବଜାନ୍ତି ବସି ହେଉ ନାଦ ॥ ସେହି ନାଦରୁ ସୁବେଦ ହୋଇଲା ବାହାର । ତହିଁରୁ ଜନମ ହେଲା ବେଦ ଯେ ଅକ୍ଷର ॥ ସେହି ବେଦ ଅକ୍ଷରକୁ କ୍ରୌଞ୍ଚ ନାମେ ଖଗ । ଭଜିଲା ରାମ ଦରଶ ହୋଇ ଉଦବେଗ ॥ ପଦାରେ ନ ପକାନ୍ତେ ସେ ହେଲା ରାମବାଣୀ । ଭଜିଲା ଭୁଷଣ୍ଡ କାକ ତା ମହିମା ଜାଣି ॥ ଆଦ୍ୟ ଅକ୍ଷର ଗୋଟିକ ନିଶ୍ଚଳରେ ଜପି । ପ୍ରାନ୍ତ ଅକ୍ଷରକୁ ସେହି ନ ମାନେ କଦାପି ॥ ବୋଲେ ରାଭ-ପାହିଗଲେ ଜରିବି ମୁଁ ଜପ । ମ—ଅକ୍ଷରକୁ ଭଜିଲେ ଜୀବହେବ ଶେଷ ॥ ମ—ଅକ୍ଷରକୁ ଭଜିଲେ ଜପ ହେବ ମୋର । ଏମନ୍ତ ପାଖ ହେବନି ରା—ଅକ୍ଷରେ ସ୍ଥିର ॥ ଶରୀରରେ ରଖି ଷଡ଼-ଚକ୍ର ଭେଦ ନେଲା । ଜୀବନ ଛନ ଦୁଆରେ ନେଇ ଉଦେ କଲା ॥ ଭୟଙ୍କର ହେଲା ସେ ପୁଣି ବ୍ରହ୍ମରନ୍ଧ୍ରେ । ରହେ ହେବାରୁ ରନ୍ଧ୍ର-ଗଲା ପାବଛନ୍ଦେ ॥ ଚୌରାଅଣି ମନ୍ବନ୍ତର ଗଲାଣି ଆ. ଖେଡ଼ । ଭୂମୁ ଆଗରେ କହିଲି ଅର୍ଜୁନ ଏ ଗୂଢ଼ ॥ ଏହିରୂପେ କେତେଯୁଗ ପ୍ରଳୟ ହୋଇବ । ସର୍ବେ ମରିବେ ଭୁଷଣ୍ଡ କାକ ନ ମରିବ ॥ ଏ କାରଣ ଭୁଷଣ୍ଡ ଯେ ନୁହେ କେତେ ସାନ । ଭୁଷଣ୍ଡ ଶରୀର ଯାକ ସବୁ ବ୍ରହ୍ମ-ଜ୍ଞାନ ॥ ରାମ ଅମର ଭୁଷଣ୍ଡ ମରିବ କାହିଁକି । ଭୁଷଣ୍ଡ ମଲେ ରାଆକୁ ନ ପାରେ କେ ହେକି ॥ ଏଣୁକରି ରା—ଅକ୍ଷର ଭୁଷଣ୍ଡର ଦେହି ।

Digitized by srujanika@gmail.com

ରାମ ନ ମରଇ କେବେ ସେହୁ ନ ମରଇ । ଭୂଷଣ୍ଡ ହେତୁ ଜନ୍ମିବ ରାମ ନାମ ବାଣୀ । ଜନମ ହୋଇ ପୂରିବ ଅଶେଷ ଧରଣୀ ॥ ଧରଣୀରେ ପୂରିବାରୁ ସକଳେ ଜାଣିବେ । ଭୂଷଣ୍ଡଙ୍କୁ ଗୁରୁ କରି ଉପଦେଶ ନେବେ ॥ ଉପଦେଶ ପାଇ ତହୁଁ ଚଳିବେ ଅମ୍ଭାଙ୍କ । ଗୋରେଖ ଅମ୍ଭାଙ୍କୁ ଚିହ୍ନି ଭଜିବେ ମନ୍ତ୍ରଙ୍କୁ ॥ ମନ୍ତ୍ର ଭକ୍ତ ବୋଲାଇବେ ସେହୁ ମହାଯତି । ରାମର ମହିମା ଗୋଷ୍ଠ ଏକା ସେ ଜାଣନ୍ତି ॥ ସେ ଗୋରେଖ ଶିଷ୍ୟ ତୋତେ କହିବା ଅର୍ଜୁନ । ଅଝାଡ଼ ନାମରେ ସାଧୁ ଥିଲେ ଏକଜନ । ତାହାଙ୍କ କରଣୀ କାହୁଁଥିବ ଏହି ମହୀ । ଯୋଗୀ କାହିଁ କରି ଯେବେ ରୋଗ ଦେବ କହି ॥ ନାହିଁ ବୋଇଲେ ତା ଦେହେ ନ ରହିବ କ୍ଲେଶ । ସେ ପିଣ୍ଡ ସାଧୁ ହୋଇବ ଗୋରେଖଙ୍କ ଶିଷ୍ୟ ।। ଗୋବିନ୍ଦଚନ୍ଦ୍ରର ମାତା ନାମ ମୁକ୍ତାଦେଈ । ମହାଯୋଗୀ ଗୋରେଖଙ୍କ ଶିଷ୍ୟ ହେବ ସେହି ॥ ଅଷ୍ଟାଦଶ ବର୍ଷ ଏକ ବଳାଙ୍କୁ ସେ ନାଶି । ରାଜ୍ୟରେ ରାଜା ନ କରି ହେବ ଯୋଗୀ କରି ॥ ଅଝାର ସାଧୁର ଶିଷ୍ୟ ହୋଇବ ଗୋଦର । ସେ ଯଦି ରହିବେ ବୃନ୍ଦାବନର ମଧ୍ୟର ॥ ସେହି ସେଠାବରେ ଶିଷ୍ୟ କରିବେ ଭାରତି । ସେ ଭାରତି ବୋଲାଇବେ ପୁଣି ମହାଯତି ॥ ତାହାଙ୍କର ଶିଷ୍ୟ ଶିକ୍ଷା ଆଚାର୍ଯ୍ୟ ହୋଇବେ । ଶାସମ୍ପ୍ରଦାରେ ସେ ମନ୍ତ୍ର ଆଉ ନ କହିବେ ॥ ରଖିବେ ଗୋପ୍ୟ କଉଣ ମହିମାକୁ ଚେକ । ରାମ ନାମ ଧରଣୀରେ ରହିଥିବ ଛାକି ॥ ରାମାନନ୍ଦ ଅବତାର ହେବେ ଏହି କାଳେ । ରାମନାମ ମହାମନ୍ତ୍ର ଜପିବେ ନିଷ୍ଠଲେ ॥ ଶ୍ରୀ ମହାବ୍ରହ୍ମ ସଂପ୍ରଦା କରିବେ ପ୍ରକାଶ । ପ୍ରାଣୀମାନଙ୍କ କର୍ଣ୍ଣରେ ଦେବେ ଉପଦେଶ ॥ ଏ ମହୀରେ ରାମାନନ୍ଦ ଧର୍ମ ଯିବେ ଥୋଇ । ତୁଳସୀଦାସଙ୍କୁ ବଇଷ୍ଣବ ବାନା ଦେଇ ॥ ଶିଷ୍ୟ କରି ମହାମନ୍ତ୍ର ତାଙ୍କ କର୍ଣ୍ଣେ ଦେବେ । ରାମାୟଣ ସେ ତୁଳସୀ ଦାସ ଯେ ଲେଖିବେ ॥ ସେ ତୁଳସୀ ରାମାୟଣ ଶୁଣିବ ଯେ ନର । ଭବ ବନ୍ଧନରୁ ମୁକ୍ତି ହୋଇବ ତାହାର ॥ ତୁଳସୀ ଦାସ କରଣୀ ଶୁଣ ହେ।

Digitized by srujanika@gmail.com

ଅର୍ଜୁନ । ରାମ ପ୍ରତିମାକୁ ନିତ୍ୟ କରନ୍ତି ପୂଜନ ॥ ନମସ୍କାର ନ କରନ୍ତି ଆନ ଦେବତାଙ୍କୁ । ଏକଦିନେ ଯାଉଥିଲେ ସେ ବୃନ୍ଦାବନକୁ ॥ ନବଜଳଧର ମୂର୍ତ୍ତି ଯେ କୃଷ୍ଣ ପ୍ରତିମା । ହରବ୍ରହ୍ମା ନ ଜାଣନ୍ତି ଯାହାଙ୍କ ମହିମା ॥ ସେ କୃଷ୍ଣମୂର୍ତ୍ତି ଦର୍ଶନ କଲେ ବୃନ୍ଦାବନେ । ତୁଳସୀକି ଦେଖି ପ୍ରଭୁ ବିଚାରନ୍ତି ମନେ । ନମସ୍କାର ନ କରିବ ଏ ତୁଳସୀ ଦାସ । କେବେ ଦେଖି ନ କରିବେ ମୋଠାରେ ବିଶ୍ୱାସ ॥ ଯେବେ ନ ଧରିବ ଏଥେ ଶ୍ରୀରାମ ମୂରତି । ଏ ମହାଭକତ ଯିବ କରି ଦୁଃଖ ମତି ॥ ଏମନ୍ତ ବିଚାରି ପ୍ରଭୁ ସେ ଦେବ ଅଲକ୍ଷ୍ୟେ । ଶ୍ରୀରାମ ମୂରତି ଧରି କଳେବର ବାଜସ୍ତେ ॥ ହସ୍ତେ କାଣ୍ଡ କୋଦଣ୍ଡ ଯେ ପାଉଅଛି ଶୋଭି । ନବ ଦୂର୍ବାଦଳ ବଡ ବିରାଜୁଛି ପ୍ରଭୁ ॥ ତୁଳସୀ ଦାସ ଦେଖିଣ ଶ୍ରୀରାମ ମୂରତି । ଚରଣ ତଳେ ପଡ଼ି କରିବ ଯେ ସ୍ତୁତି ॥ ଏମନ୍ତ ମହିମା ଜାଣ ତୁଳସୀ ଦାସର । ତା ପାଇଁ ଶ୍ରୀରାମ ମୂର୍ତ୍ତି ଧରିବେ ଶ୍ରୀଧର ॥ ମୁରଲୀ ଦାସେ ହୋଇବେ ମନ୍ତ୍ରେ ଅଧିକାରୀ । ଶାଳଗ୍ରାମକୁ ପୂଜିବେ ସେହୁ ଯତ୍ନକରି ॥ ଯେତେବେଳେ ମିଳି ଯିବ ଯେଉଁ ଦ୍ରବ୍ୟ ଆସି । ପ୍ରାଣିଙ୍କ ବଦନେ ତାହା ଦେଉଥିବେ ବସି ॥ ଆତ୍ମା ବିନା ଆନ ଦେବ ନ ମାନିବେ ସେହୁ । ପଞ୍ଚବଟୀ ଅରଣ୍ୟରେ ଦାସେ ଥିବେ ରହୁ ॥ ତା ମୁଖୁଁ ରାମତାରକ ଚର୍ଚ୍ଚାଟି ଶୁଣିବେ । ଏ ରୂପରେ ଅଟନ୍ତି ଶ୍ରୀ ସମ୍ପ୍ରଦା ବୈଷ୍ଣବେ ॥ ଧାମକ୍ଷେତ୍ର ତାହାଙ୍କର ଏ ପରମ ଚୈତନ୍ୟ । ଶାଖା ପ୍ରବର ତାଙ୍କର ଶୁଣ ହେ ଅର୍ଜୁନ ॥ ବେଦଶ୍ରୁତି ମଧ୍ୟେ ସାମବେଦ ତାହାଙ୍କର । ଅଙ୍ଗୁଷ୍ଠିରେ ଗଣାନ୍ତି ଏ ତଳନ ବେଦର ॥ ସେ ବେଦର ହଂସ ଦୀକ୍ଷା ଗୋତ୍ର ଯେ ଅଚ୍ୟୁତ । ଷଡ଼ଚକ୍ର ଆସନ ତା ନିର୍ମାଲ୍ୟ ପ୍ରଣତ ॥ ଭଜନ ଉପାସନ ଶ୍ରୀରାମ ନାରାୟଣ । ପ୍ରଣବନ୍ତି ମୂଳମନ୍ତ୍ର ସୋମନାଥ ଧାମ ॥ ଚିତ୍ରକୂଟ ଧର୍ମଶାଳା ଅଯୋଧ୍ୟା କୈଳାସ । ପଞ୍ଚବଟୀ ପରିକ୍ରମା ଫଲ୍‌ଗୁ ତୀର୍ଥବାସ ॥ ମହାଗ୍ନି କ୍ଷେତ୍ର ଶ୍ରୀହରି ନାମ ମାଳା କହୁ । ରାମ ଉପାସକ ଜାଣ ବଶିଷ୍ଠ ଅଟଇ ॥

Digitized by srujanika@gmail.com

ଗୋଦାବରୀ ଅବତମନ ଶ୍ରୀବନ୍ଦୁ ତିଳକ । ଶ୍ରୀ ଦେବତା ହନୁମାନ ଭକତି ସାତ୍ତ୍ୱିକ ॥ ଶ୍ରୀରାମ ଗାୟତ୍ରୀ ନାମ ଅଖଡାହିଁ ଜାଣ । ଶବଦ ଦ୍ୱାର ପରମହଂସ ମନ୍ତ୍ର ଧ୍ୟାନ ॥ ଏବେ ଅଷ୍ଟ ସଖୀଙ୍କର ଶୁଣ ନାମ ପ୍ରଜ୍ଞା । ଲକ୍ଷଣା ସଖୀ ଶାମଳା ସୁହଂସୀ ସୁବଜ୍ଞା ॥ ଅବର ଯେ ବଇପେଷ୍ଠା ତେଜରୂପା ଜାଣ । ଚନ୍ଦ୍ରରେଖା ଚନ୍ଦ୍ରାବଳୀ ଏ ଅଷ୍ଟ ପ୍ରମାଣ ॥ ଶ୍ରୀରଘୁନାଥଙ୍କୁ ସେବୁଥାନ୍ତି ଅଷ୍ଟସଖୀ । ଏ କଥା ଅନ୍ୟ କେ ନ ପାରଇ ଲେଖି ॥ ଶିଶ୍ୱାସମ୍ପ୍ରଦାୟ ଅଣ୍ଡା ହେଲେ ରାମାନନ୍ଦୀ । ସକଳେ ଏ ସମ୍ପ୍ରଦାୟକୁ ଏହିଠାରୁ ବନ୍ଦ ॥ ଏହିରୂପେ ରାମାନନ୍ଦ ସମ୍ପ୍ରଦା ଲକ୍ଷଣ । ମାଧବାନନ୍ଦର ଧର୍ମ କହୁଅଛୁ ଶୁଣ ॥ ପ୍ରଥମରୁ ଏ ସମ୍ପ୍ରଦା ଅଟେ ଧ୍ୟାନହିଁ । ଓଁକାର ଯେ ତତ୍ତ୍ୱ କହି ହରି ମହାମନ୍ତ୍ର ॥ ଅଦ୍ୟରୁ ବୈକୁଣ୍ଠନାଥ ସ୍ୱାମୀଙ୍କ ମୁଖରୁ । ଏକ ଅକ୍ଷରେ ପ୍ରକାଶ ପାଇଲ୍ସ ଶରୀରୁ ॥ ସେହି ଅକ୍ଷରକୁ ହରି ତ୍ରିଅକ୍ଷର କଲେ । ଅନନ୍ତ ତାହାକୁ ଅନ୍ତର୍ଗତରେ ଧଇଲେ ॥ ଚତୁର୍ବିଂଶ ଅକ୍ଷର ଯେ ବ୍ରହ୍ମାଙ୍କୁ କହିଲେ । ବେଦବର ତାହା ଶ୍ରୁତିଶ୍ଳୋକରେ ଭଣିଲେ ॥ ନରନାରାୟଣଙ୍କୁ ତା ଶୁଣାଇଲେ ପୁଣି । ନାରଦ ଅଗେ କହିଲେ ନାରାୟଣ ଜାଣି ॥ ଅନୁରାଗେ ଦଶ ଶ୍ଳୋକେ କହିଲେ ବିଶେଷି । କର୍ଣ୍ଣରେ ଶୁଣିଲେ ତାହା ନାରଦ ମହର୍ଷି ॥ ବ୍ୟାସଙ୍କୁ ବୁଝାଇ ଶତଶ୍ଳୋକରେ କହିବେ । ନାରଦଙ୍କ ଶିକ୍ଷାପାଇ ବେଦବ୍ୟାସ ଭବେ ॥ ଅଷ୍ଟାଦଶ ସହସ୍ର ଶ୍ଳୋକ କରିବେକ ପୁଣି । ସୁପ୍ରସନ୍ନେ ଶୁକଦେବ ହସ୍ତେ ଦେବେ ଅଣି ॥ ସେ ଶୁକ ବ୍ରହ୍ମ ପୁରୁଷ ବ୍ୟାସଙ୍କର ପୁତ୍ର । ସେ ଗ୍ରନ୍ଥ ଗୋଷ୍ଠର ନାମ ଦେଲେ ଭାଗବତ ॥ ପରୀକ୍ଷିତ ରାଜା ଅଗେ କହିବେ ବୁଝାଇ । ଶ୍ରୀ ଭାଗବତର ତତ୍ତ୍ୱ କର୍ଣ୍ଣେ ଦେବେ କହି ॥ ପରୀକ୍ଷିତ ଶୁଣିଲ୍ସରୁ ମୁକ୍ତିରେ ଯିବ । ସେହି ମହାମନ୍ତ୍ର ପାପୀମାନଙ୍କୁ ତାରିବ ॥ ବ୍ରହ୍ମ ସମ୍ପ୍ରଦାୟ ପୁଣ୍ୟ କ୍ଷେତ୍ରଧାମ ଶୁଣ । ଧର୍ମଶାଳା ବଦରିକା ଯେ ପୁରୁଷୋତ୍ତମ ॥ ନୃସିଂହ ସେବକ ରାସ ଯଜ୍ଞ ଋଗ୍ବେଦ । ନାସିକା ବୁଥର ଜାଣ ଅଚ୍ୟୁତ ନାରଦ ॥ ଦେବତା ଶ୍ରୀ ଜଗନ୍ନାଥ ଇଷ୍ଟ ମହାଲକ୍ଷ୍ମୀ । ଘାଟ

Digitized by srujanika@gmail.com

ଯେ ଅନନ୍ତ ଗୋର୍ଦ୍ଧ ଶ୍ରୀ ଅଚ୍ୟୁତ ସ୍ୱାମୀ ॥ ମନ୍ତ୍ର ଯନ୍ତ୍ର ରାଜ ଶିଖ ଦଉ ନାମ ମାଳା । ଅଜପା ବ୍ରହ୍ମ ଗାୟତ୍ରୀ ଜପା ଯୋଗଶୀଳା ॥ ତୀର୍ଥ ତୀର୍ଥ-ରାଜ ଜାଣ ପରଂବ୍ରହ୍ମ ଧାନ । ନଦୀର ନାମ ଯେ ଗଙ୍ଗା ଆନନ୍ଦ କାନନ ॥ ଜ୍ଞାନ ଆତ୍ମଜ୍ଞାନ ସେବା ପବନ ଓଲଟ । ପକ୍ଷୀ ନାମ ଦେବ ଜମ୍ବୁ ବୃକ୍ଷ କଳ୍ପବଟ ॥ ଭକତି ନାମ ସ୍ମରଣ ମୁକତି ସାଯୁଜ୍ୟ । ଭାବ ସନଦରଶୀ ଯେ ରସ ଅଇଶ୍ୱର୍ଯ୍ୟ ॥ ମଣୋହର ନିର୍ମାଲ୍ୟ ତାର ବିଳାସ ରହସ୍ୟ । ବିହାର ବୈକୁଣ୍ଠ ଆସନ ତା ନନ୍ଦିଘୋଷ ॥ ଅଷ୍ଟ ସଖୀଙ୍କର ନାମ ଶୁଣ ହେ ଅର୍ଜୁନ । କହୁଅଛୁ ତୋ ଆଗରେ ଗୁପତ ବଚନ ॥ ଶତରୂପା ସୁଲକ୍ଷଣା ସୁଲଗ୍ନା ସୁକାନ୍ତ । ସୁଦୁର୍ଗା ସୁବ୍ରାହ୍ମୀ ଯେ ସୁରେଖା ସେ ସୁରତ ॥ ଏହି ଆଠଗୋଟି ସଖୀ ସେବୁଥାନ୍ତି ନିତ୍ୟ । ଏହାଙ୍କ ରୂପରେ ସେହି ସର୍ବଦା ମୋହିତ ॥ ହରେ ରାମ କୃଷ୍ଣ ମହାମନ୍ତ୍ର ମୋକ୍ଷଦାତା । ଯେଣନ୍ତ ତିଳକ କର କରୁଣାର୍ଦ୍ର ଚିତ୍ତା ॥ ନାସା ଅଗ୍ରରୁ ସଜାଇ ତିଳକ କରନ୍ତି । ହରିମନ୍ଦର ତା ନାମ ବୈଷ୍ଣବେ ବୋଲନ୍ତି ॥ ଏ ତିଳକ ଗୋଟି ମୃତ୍ୟୁ କାଳକୁ ଯେ ମୂଳ । ଯେଣଥିଲେ ଏ ତିଳକ ନ ପଶଇ କାଳ ॥ ସର୍ବଭୂତ ନାରାୟଣ ଏ ଧର୍ମର ହେତୁ । ମୂଢ଼ ଏହା ନ ବୁଝିଣ ଧରେ ବାଦ କେତୁ ॥ ସମ୍ପ୍ରଦା ନ ବୁଝି ବାଦ କରନ୍ତି ଅଜ୍ଞାନେ । ବୈଷ୍ଣବ ଧର୍ମ ନିନ୍ଦନ୍ତି ଲୋକେ ମୂଢ଼ପଣେ ॥ ଆମ୍ଭ ଧର୍ମ ବଡ଼ ବୋଲି ଅପେ ହୋନ୍ତି ବଡ଼ । ନ ଭାଷନ୍ତି ସବୁ ଏକ ବ୍ରହ୍ମ ଋଷି ଖେଡ଼ ॥ ଯେ ଯେଉଁ ଭାବରେ ଭଜୁ ଏକା ନରହରି । ଏହା ନ ଘାଣ୍ଟି ବସନ୍ତି ମୂଢ଼େ ବାଦ ଧରି ॥ ଯେତେକ ଲୋକ ଥାଟନ୍ତି ଅସତ ପଣ୍ଡିତ । ସମ୍ପ୍ରଦା ନିନ୍ଦା କରନ୍ତି ହୋଇ ମଦମତ୍ତ ॥ ଶାଉଜନକ ଧର୍ମ ପନ୍ଥା କହିବା ହେ ଶୁଣ । ଏ ଧର୍ମ ନ ସେବିଲେ ଏ ପିଣ୍ଡ ଅକାରଣ ॥ ନିତ୍ୟାନନ୍ଦ ସମ୍ପ୍ରଦାର ଶୁଣ ଏବେ ଭେଦ । ବୈକୁଣ୍ଠନାଥଙ୍କ ମୁଖୁ ଜାତ ଋଗ-ବେଦ ॥ ସେହି ଋଗବେଦ ଯହିଁ ଏକତ୍ର ହୋଇଲା । ଏକାନ୍ତ ହୁଅନ୍ତେ ରୁଅ ଶବଦ ଟେକିଲା ॥ ସେହି ଶବଦକୁ ଶୁଣି ଧାଇଁ ସନକାଦି । ରାଅକୁ

Digitized by srujanika@gmail.com

ଧରନ୍ତେ ରାଧା ଜାତ ହୃଦଭେଦ ॥ ରାଧୁ ତହିଁ ଜୀବ କଲେ ଯା ପରମ ପଦ । ପାଇଲ ଅର୍ଜୁନ ଏବେ ରାଧା ନାମ ଭେଦ । ଏହି ରାଧାରୁ ଶ୍ରୀକୃଷ୍ଣ ନିତ୍ୟସ୍ଥଳେ ଘେନ । ଅବିରତ ରହିଛନ୍ତି ଦିବସ ରଜନୀ ॥ ସେ ରାଧା ନାମ ଜପନ୍ତି ମୁରଲୀ ସ୍ୱରରେ । ସେ ରାଧା ନାମ ପୂଜନ୍ତି ହୃଦୟପଦ୍ମରେ ॥ ସେ ରାଧାଙ୍କ ଏଡ଼େ ଲମ୍ବ ଶ୍ରୀକୃଷ୍ଣର ଯେଣୁ । ଜୀବଙ୍କ ହୃଦେ ଭଜନ ହେଉଅଛି ତେଣୁ ॥ ସେହି ଭଜନ ଗୋଟି ଯେ ଅଟେ ବ୍ରହ୍ମଜ୍ଞାନ । ବେନି ଅଯୁତ ଷୋଡ଼ଶ ଆମ୍ଭର ଭଜନ ॥ ଦିନକୁ ଏତେ ଲେଖାଏଁ ଭଜନ ଯେ କରୁଁ । ଜଗତେ ଜନମ ହୋଇ ଶରୀରକୁ ଧରୁଁ ॥ ସେ ଭଜନ ନ ଚିହ୍ନିଲ୍ଲ ଲୋକ ମନ୍ଦ ହେଲ । ବୋଲଇ ଆମ୍ଭର ରାଧା ନାମ ଏକା ମୂଳ ॥ ସକଳଘଟରେ ରାଧା ଶବଦ ରାଉଛି । ସେହି ରାଧା ଶବ୍ଦ ଯାହା ବ୍ରହ୍ମା ବୋଲାଉଛି ॥ ଭଜନ ଚିହ୍ନି ଭଜିଲେ ହିନା ଯାଇ ତର । ନୋହିଲେ ଚଢ଼ି ଦଦରା ନାବେ ଯିବ ମର ॥ ଏମନ୍ତ ପ୍ରକାର ରାଧା ଭଜନ ମହିମା । ଅନୁକ୍ଷଣ ଭଜନ୍ତି ଏ ଶବ୍ଦ ଶିବ ବ୍ରହ୍ମା ॥ ଜୀବ ପରମ ରୂପରେ ଭଜନ ତାଙ୍କର । ଏ ଜୀବ ପରମ ସର୍ବହୃଦେ ଅବ-ତାର ॥ ଯେ ଚିହ୍ନି ପୂଜଇ ମୁହିଁ ଦିଏ ତାକୁ ଗତି । ଏହି ଜୀବ ପରମଙ୍କୁ ହୃଦେ ଅମ୍ଭେ ଘେନି ॥ ମଞ୍ଚରେ ଜନମ ହେଉ ବହି ନର ଯୋନି । ଅଭିନ୍ନ ଅଟୁ ଯେ ଆମ୍ଭେ ଜାଣ ଫାଲଗୁନି ॥ ମୋ ହୃଦରେ ଥାଏ ରାଧା ମୁଁ ଥାଏଁ ତା ହୃଦେ । ଜୀବ ପରମରେ ମିଶି ରହୁ ଅମ୍ଭାପଦେ ॥ ଏରୂପେ ରାଧାକୁ ମୁହିଁ ଅନୁକ୍ଷଣେ ରମେ । ମୁହିଁ କମଳାରୁ ଲୋକେ ତରନ୍ତି ତା ନାମେ । ରାଷ୍ଟ ପଦ୍ମାଳୟା ଯାନ୍ତି ପରମ ଈଶ୍ୱର । ଏରୂପେ ସେ ରାଧା ନାମ ଅଟେ ଦ୍ୱିଅକ୍ଷର ॥ ରାଧା ଏ ବେନି ଅକ୍ଷର ପ୍ରତ୍ୟକ୍ଷରେ ବ୍ରହ୍ମ । ଜାଣି ଶୁଣି ପ୍ରାଣୀଏ ତା ହେଉଛନ୍ତି ଭ୍ରମ ॥ ଏ ରାଧା ବେନି ଅକ୍ଷର ଜାଣି ସର୍ବ ମୁନି । ଉପଦେଶ ଦେବେ ଯାଇ ମନକର୍ଣ୍ଣି ଘେନି ॥ ରାଧା କୃଷ୍ଣ ନାମ ବିନା ଅଟେ ପିଣ୍ଡ ମୋର । ସେ ପିଣ୍ଡରେ ଆତ୍ମା ମୁହିଁ ଅଟେ ତତ୍ତ୍ୱସାର ॥ ପିଣ୍ଡକୁ ଭଜନ୍ତି ମୋର ଆତ୍ମା ନ ଭଜନ୍ତି । ଆତ୍ମାକୁ

Digitized by srujanika@gmail.com

ନ ଭଜି ନରେ ବ୍ୟର୍ଥେ ମରଯାନ୍ତି ॥ ଏଣୁ କି ଅମ୍ଭେ ଭକ୍ତିଙ୍କ କରୁ ପ୍ରକାଶ । ଯେମନ୍ତେ ପ୍ରକାଶ ହେବ ଶୁଣ ଖଗଈଶ ॥ ସେ ଜୀବ ଆପଣାଅଙ୍ଗୁ ପ୍ରକାଶି ରହିବ । ଦଶମାସ ରହି ଗର୍ଭେ ଗୌର ବର୍ଣ୍ଣ ହେବ ॥ ନିମମୂଳେ ଜନ୍ମି ନାମ ବହିବ ନିମାଇ । ଚୈତନ୍ୟ ରଖିବ ଜୀବ ପରମରେ ନେଇ । ଚଇତନ୍ୟ ନାମ ଯୋଗେ ବହିବ ସେ ଦିନ ॥ ମୁହିଁ ଟି ଚୈତନ୍ୟ ଦେବ ଜାଣ ଅର୍ଜୁନ ॥ ଚଇତନ୍ୟ ଧର୍ମ ଯିବ ସଂସାରରେ ଥୋଇ । ମୋକ୍ଷ କରିବ ପ୍ରାଣିଙ୍କୁ ନର ଦେହ ବହି ॥ ଅଚେତ ହୋଇଣ ଥିବେ ଯେତେ ଲୋକମାନେ । କହିବେ ସେ ମହାମନ୍ତ୍ର ତାହାଙ୍କର କର୍ଣ୍ଣେ ॥ ତାହାଙ୍କ ଦର୍ଶନେ ପାପୀ ପାଇବେ ନିସ୍ତାର । ତାଙ୍କ ପାରିଷଦଗଣ ଶୁଣ ଖଗବର ॥ ରୂପ ସନାତନ ଦୁଇ ବିବେକୀ ସୁଜ୍ଞାନ । ଏ ଦୁହେଁ ତାହାଙ୍କୁ ଖଟିଥିବେ ପ୍ରତିଦିନ ॥ ଗଦାଧର ପଣ୍ଡିତେ ଯେ ତାହାଙ୍କର ଶିଷ୍ୟ । ଭଜିବେ ତାହାଙ୍କ ଶିଷ୍ୟ ହୋଇ ଶ୍ରୀନିବାସ ॥ ତାହାଙ୍କର ଶିଷ୍ୟ ହେବ ମଥୁରାମଙ୍ଗଳ । ଭଜିବେ ଗୋବିନ୍ଦ ପାଦ ହୋଇ ସେ ନିଶ୍ଚଳ ॥ ଗୋପାଳ ଆଚାର୍ଯ୍ୟ ହେବ ତାଙ୍କ ପରିକର । କୃଷ୍ଣବିହାରୀ ସେହି ଦେବେ ଅଧିକାର ॥ ତାହାଙ୍କର ଶିଷ୍ୟ ମଧୁମଙ୍ଗଳ ହୋଇବ । ସୁଗନ୍ଧ ଆଚାର୍ଯ୍ୟ ଶିଷ୍ୟ ସେ ପୁଣି କରିବ ॥ ସେହି ଆଚାର୍ଯ୍ୟଙ୍କ ଶିଷ୍ୟ ହେବେ ରସାନନ୍ଦ । ତାହାଙ୍କ ଶିଷ୍ୟ ହୋଇବେ ସୁଜ୍ଞାନୀ ବିନୋଦ ॥ ତାଙ୍କ ଶିଷ୍ୟ ନିତ୍ୟାନନ୍ଦ ଗୃହସ୍ଥଲେ ରହି । ସେ ବ୍ରଜବାସିଙ୍କି ଶିଷ୍ୟ କରିବେ ଯେ ତହିଁ ॥ ଶ୍ୟାମ ଗୋସ୍ୱାଙ୍କୁ ସେଠାରେ ଶିଷ୍ୟ ସେ କରିବେ । ସେହି ଦିନୁ ଶ୍ୟାମ କୁଣ୍ଡ ଲୋକେ ଯେ ବୋଲିବେ ॥ ତାଳ ମୃଦଙ୍ଗ ବାଜିବେ କୂଳ ପୃଥ୍ୱୀ ଯାକ । କହନ୍ତି ଶିଷ୍ୟ କରିବେ ନାହିଁ ତାର ଲେଖା ॥ ଏହି ସମ୍ପ୍ରଦାୟ ଏବେ ଶୁଣ ଧାମ କ୍ଷେତ୍ର । ପଢ଼ିଲେ ମୋକ୍ଷ ହୋଇବ ଶୁଣିଲେ ପବିତ୍ର ॥ ବ୍ରହ୍ମେ ତତ୍ତ୍ୱ ଦ୍ୟନ୍ତେ ଚଇତନ୍ୟ ଧର୍ମ କହି । ତେଣ ସେହି ନିମାନନ୍ଦ ଅଟେ ବ୍ରହ୍ମଧାରୀ ॥ ପ୍ରଥମେ ଆସନ ଶୁଦ୍ଧି ଅଟେ ମନ

Digitized by srujanika@gmail.com

ଶୂନ୍ୟ । ଓଁକାର ଅଟେ ତା ମୂଳ ମହାମନ୍ତ୍ର ଧ୍ୟାନ ॥ ପରମହଂସ ଅଟଇ ଏ ସମ୍ପ୍ରଦା ଘୋଷା । ନାସିକା ଅର୍ଦ୍ଧରୁ ହରମନ୍ଦର ଯେ ଶିଖା ॥ ଧର୍ମ-ଶାଳା ତାହାର ଯେ ମଥୁରା ନଗର । ବିଳାସ ଶ୍ରୀବୃନ୍ଦାବନ ହରନାମ ମାଳ ॥ ଗୋକୁଳ ତା କ୍ଷେତ୍ର ତୀର୍ଥ ନାମ କ୍ଷେ ଗୋମତୀ । ଗୋବର୍ଦ୍ଧନ ପରିକ୍ରମା ଗୋପାଳ ଗାୟତ୍ରୀ ॥ ଦ୍ୱାରକା ତାହାର ଧାମ କୃଷ୍ଣ ଉପାସକ । ରୁକ୍ମିଣୀ ମାତା ତା ଇଷ୍ଟ ବ୍ରହ୍ମରେ ରସିକ । ବେଦ ତାର ଯଜୁର୍ବେଦ ନାମ ଯେ କଦମ୍ବ । ଋଷି ତାର ଦ୍ୱାର ତହିଁ ଗରୁଡ଼ ଯେ ଖମ୍ବ ॥ ନାରଦ ଆଚାର୍ଯ୍ୟ ଗୋତ୍ର ଅଚ୍ୟୁତ ତାହାର । ଭଜନ ଗୋପାଳମନ୍ତ୍ର ଦ୍ୱାଦଶ ଅକ୍ଷର ॥ ଗୋପୀ ଖଟାଇଣ ଗୋପୀ ତିଳକ ଚନ୍ଦନ । ବଂଶୀର ସୁସ୍ୱର ନିତ୍ୟ ଲଗାନ୍ତି ଭଜନ ॥ ଦୁର୍ବାସା ନାମରେ ଋଷି ମଠ ବଇକୁଣ୍ଠ । ଆଦିମାତା କମଳା ଯେ ଗାର୍ଗ୍ୟମୁନି ଶ୍ରେଷ୍ଠ ॥ ଶ୍ୟାମ କୁଣ୍ଡ ରାଧାକୁଣ୍ଡ ଅଟନ୍ତି ଏ ସ୍ୱର୍ଗ । ନବଧା ଭକତି ପୂଜା ଅଷ୍ଟାଙ୍ଗ ଯେ ଯୋଗ ॥ ସାରୂପ୍ୟ ମୁକତି କହି ରସ ପ୍ରେମ ଜାଣ । ଅଷ୍ଟ ସଖୀଙ୍କର ନାମ କହୁଅଛି ଶୁଣ ॥ ଇନ୍ଦ୍ରରେଖା ଚନ୍ଦ୍ରରେଖା ଚମ୍ପକ ଲତିକା । ରଙ୍ଗଦେବୀ ସୁଦେବୀ ଯେ ଲଳିତା ବିଶାଖା ॥ ଶ୍ରୀରୂପମଞ୍ଜରୀ ଯେତ ଅଷ୍ଟସଖୀ ଜାଣ । ଖଟୁଥାନ୍ତି ପ୍ରତିଦିନ ତାହାଙ୍କ ପାଦେଣ ॥ ଦାମ ସୁଦାମ ସୁବଳ ଯେ ମଧୁମଙ୍ଗଳ । ଅନଙ୍ଗମଞ୍ଜରୀ କାମମଞ୍ଜରୀ ଯୁଗଳ ॥ ଗୋବର୍ଦ୍ଧନ ପରିକ୍ରମା ନିର୍ମାଲ୍ୟ ଯେ ଭୋଗ । ଅଷ୍ଟପ୍ରହରେ ଶ୍ରୀକୃଷ୍ଣ ଅଷ୍ଟଲୀଳା ଯୋଗ ॥ ଗୋବିନ୍ଦ ଶ୍ରୀମୁଖେ ଲିଖି କରନ୍ତି ଏ ନୀତି । ଏ ସମ୍ପ୍ରଦାଇ ମହିମା ଅଟେ ବିଷ୍ଣୁଭକ୍ତି ॥ ଗୁରୁ ସମ୍ପ୍ରଦାର ପୁଣ୍ୟ ନାମ-ଧାମ ଆଦି । ସକଳ ବୁଝାଇ ତୋତେ କହିଲି ସମ୍ବାଦ । ପଣ୍ଡିତଜନେ ମୋହର ନ ଦେଖିବ ଦୋଷ । ମୁହିଁ ହୀନ ଅଟଇ ଶ୍ରୀକୃଷ୍ଣର ଦାସ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଗୁରୁ ସମ୍ପ୍ରଦ ନାମ ଧାମାଦି କଥନେ ନାମ ସପ୍ତଷଷ୍ଠିତମୋଽଧ୍ୟାୟଃ ।

Digitized by srujanika@gmail.com

ଅଷ୍ଟଷଷ୍ଟିତମ ଅଧ୍ୟାୟ ।

ଅର୍ଜ୍ଜୁନ ବୋଇଲେ ଅହେ ତୁମ୍ଭେ ବାସୁଦେବ । ଶ୍ୟାମାନନ୍ଦଦୀକ୍ଷା ମୋତେ ବିସ୍ତାର କହିବ ॥ କହନ୍ତି ସେ ନାରାୟଣ ଶ୍ୟାମାନନ୍ଦୀ ପନ୍ଥା । କୁନ୍ତୀ ନନ୍ଦନ ଅର୍ଜ୍ଜୁନ ଅଟନ୍ତି ଯେ ଶ୍ରୋତା । ବୋଲନ୍ତି ହେ ସାବଧାନେ ଶୁଣ ପାଣ୍ଡୁବୀର । ବ୍ରାହ୍ମଣ ଅଂଶେ ଜନ୍ମିବ ଶ୍ୟାମାନନ୍ଦ ମୋର ॥ ସର୍ବ ବର୍ଣ୍ଣେ ବ୍ରାହ୍ମଣ ଅଟଇ ଏଣୁ ଗୁରୁ । ବ୍ରାହ୍ମଣ ତାରନ୍ତି ପ୍ରାଣୀମାନଙ୍କୁ ସଂସାରୁ ॥ ବ୍ରାହ୍ମଣଠାରେ ଦୋଷେଦ୍ଧା ଯେ ପ୍ରାଣୀ ହୁଅଇ । ବିଷ୍ଣୁ ଦ୍ରୋହେଦ୍ଧା ସେ ଜାଣ ପ୍ରତ୍ୟକ୍ଷ ଅଟଇ ॥ ବ୍ରାହ୍ମଣ ନାମ ହେ ପାର୍ଥ ଯେଉଁ ତିନି ଅକ୍ଷର । ପ୍ରତ୍ୟକ୍ଷ ଅଟନ୍ତି ବ୍ରହ୍ମା ବିଷ୍ଣୁ ମହେଶ୍ୱର ॥ ଏଣୁ ବିପ୍ର ପାଦଜଳ ସେବଇ ଯେ ନିତି । ସକଳ ତୀର୍ଥ ତାହାର ହୋଇଯାଏ ଶାନ୍ତି ॥ ବ୍ରାହ୍ମଣମାନଙ୍କୁ ଯେତୁ ନିତ୍ୟେ ଦିଏ ଗ୍ରାସ । ତାହା ଭୁକ୍ତିମାନେ ବିଷ୍ଣୁ ସନ୍ତୋଷ ଅବଶ୍ୟ ॥ ବ୍ରାହ୍ମଣଙ୍କ ବାକ୍ୟେ ହରି ନିତ୍ୟେ ଥାନ୍ତି ବହି । ସେ ଯାହା ବୋଲଇ ମୁଁ ତା ଆନ ନ କରଇ । ବ୍ରାହ୍ମଣ ସନ୍ତୋଷ ହେଲେ ମୁଁ ହୁଏ ସନ୍ତୋଷ । ବ୍ରାହ୍ମଣଙ୍କୁ ଯେ ନିନ୍ଦଇ ତାର ସର୍ବନାଶ ॥ ବିଷ୍ଣୁର ନାମକୁ ଲକ୍ଷେ ଜପି ଫଳ ଯେତେ । ବ୍ରାହ୍ମଣ ନିତ୍ୟ ସେବିଲେ ଫଳ ହୁଏ ତେତେ ॥ କୋଟି ଶିବଲିଙ୍ଗ ପୂଜା କଲେ ଯେତେ ପୁଣ୍ୟ । ତେତେକ ପୁଣ୍ୟ ହୁଅଇ ସେବିଲେ ବ୍ରାହ୍ମଣ ॥ ସହସ୍ରେକ ଶାଳଗ୍ରାମ ପୂଜିଲେ ଯେ ଫଳ । ସହସ୍ରଗୁଣେ ଅଧିକ ବିପ୍ର ପାଦଜଳ ॥ ବ୍ରାହ୍ମଣ ଯାହା ଭୁଞ୍ଜଇ ବିଷ୍ଣୁ ତା ଭୁଞ୍ଜନ୍ତି । ଏଣୁ ବ୍ରାହ୍ମଣ ବିଷ୍ଣୁଙ୍କ ପ୍ରାଣଠି ଅଟନ୍ତି ॥ ବ୍ରାହ୍ମଣ ଯହିଁ ରହଇ ସେସ୍ଥାନ ପବିତ୍ର । ସର୍ବ ଘଟକୁ ସଂସ୍କାର କରେ ବିପ୍ର ହସ୍ତ ॥ ବ୍ରାହ୍ମଣ ବାକ୍ୟ ସକଳ ବିଷ୍ଣୁହିଁ କେବଳ । ଏଣୁ ସମାନ ଅଟନ୍ତି ବ୍ରାହ୍ମଣ ଅନଳ ॥ ହୋମସ୍ଥାନରେ ଯେ କରେ ବ୍ରାହ୍ମଣ ବରଣ । ତାହାର ସୁଫଳ ହୁଏ ସର୍ବକର୍ମ ଜାଣ ॥ ହୋମଯଜ୍ଞରେ ଯେତେକ ଦ୍ରବ୍ୟ ଦିଅ ବାଢ଼ି । ତହିଁ ଭୋଜନ ବ୍ରାହ୍ମଣ ନେବ ବେଦ ପଢ଼ି ॥ ବ୍ରାହ୍ମଣ ଭୁଞ୍ଜିଲେ ଅଗ୍ନି ହୁଅନ୍ତି-ସନ୍ତୋଷ । ଏଣୁ ବ୍ରାହ୍ମଣ ଅଟଇ ଅଗ୍ନିର ଏକାଂଶ ॥ ବ୍ରାହ୍ମଣ ଜଠରଅଗ୍ନି ଅଗ୍ନିର ସମାନ ॥ ଏଣୁ ଦ୍ରବ୍ୟର ଭୋଜନ ନିଅନ୍ତି ବ୍ରାହ୍ମଣ ॥ ବ୍ରାହ୍ମଣେ ଯେ ଆଶୀର୍ବାଦ କରନ୍ତି ଯେମୁଖେ । ଶ୍ରୀ ବିଷ୍ଣୁ ବଚନ

Digitized by srujanika@gmail.com

ତାହା ଜାଣିବ ନିଶ୍ଚୟେ ॥ ବ୍ରାହ୍ମଣର ଗର୍ବ ଯାକ ବିଷ୍ଣୁ ଗର୍ବ ଉଠେ । ବ୍ରାହ୍ମଣେ ଦାନ ଭୋଜନେ ଲଭଇ ବୈକୁଣ୍ଠେ ॥ କେହ ନ କରନ୍ତୁ ଏବେ ବ୍ରାହ୍ମଣେ ଅଶ୍ରଦ୍ଧା । ବ୍ରାହ୍ମଣେଟି ବିଷ୍ଣୁ ଅଙ୍ଗ ଅଟନ୍ତି ସର୍ବଦା ॥ ବ୍ରାହ୍ମଣ ସେବା ମୋହର ଉତ୍ତମ ଭକତି । ଶ୍ୟାମାନନ୍ଦ ବଂଶରେ ହୋଇବ ଉତପତ୍ତି ॥ ରୁଦ୍ରଧର୍ମରେ ହୋଇବେ ସେହୁ ଅଧିକାରୀ । ନାମମହାମନ୍ତ୍ରେ ଦେବେ ଲୋକଙ୍କୁ ଉଦ୍ଧାରି ॥ ସାକ୍ଷାତରେ ବିଷ୍ଣୁକଳା ଯେବେ ଜାତ ହେବେ । ରୁଦ୍ରଧର୍ମ ସେବ ପ୍ରାଣିଗଣେ ଶିକ୍ଷା ଦେବେ ॥ ବିଷ୍ଣୁ ସ୍ୱାମିଙ୍କି କରିବେ ସେହୁ ପରକଟ । ତେଣୁ ନାମ ହେବ ସ୍ୱାମୀ ବିଷ୍ଣୁ ଧର୍ମଦ୍ୱାର ॥ ସଦ୍ଜ୍ଞାନନ୍ଦ ଯେ ହେବେ ବିଷ୍ଣୁ ସ୍ୱାମି ଶିଷ୍ୟ । ଅଗ୍ରଜ ପଦ୍ମନାଭ ଯେ ହେବେ ତାଙ୍କ ଶିଷ୍ୟ ॥ ସେ ପଦ୍ମନାଭଙ୍କ ଶିଷ୍ୟ ଗୋକୁଳ ପଣ୍ଡିତ । ଗୋକୁଳ ପଣ୍ଡିତ ଶିଷ୍ୟ ହେବେ ଯଶୋବନ୍ତ । ସେ ଯଶୋବନ୍ତଙ୍କ ଶିଷ୍ୟ ସ୍ୱାମୀ ବିଭୂତି । ତାହାଙ୍କର ଶିଷ୍ୟ ହେବେ ସଦାନନ୍ଦ ଯତି ॥ ଲକ୍ଷଣାଗ୍ରଜ ହୋଇବେ ତାହାଙ୍କର ଶିଷ୍ୟ । ଲକ୍ଷ୍ମୀସାଗର ବୈଷ୍ଣବ ହେବେ ତାଙ୍କ ଶିଷ୍ୟ ॥ କହିଲେ ଯେ ନ ସରିବ ତାଙ୍କ ଶିଷ୍ୟ ଯେତେ । ଗୋଟିଏ ମାତ୍ର ତହିଁରୁ କହିଦେବା ତୋତେ ॥ ସେ ସାଧୁ ମଠରୁ ଜାଣ ବାହାରନ୍ତି ଯେବେ । ଅନୁକୂଳର ନିଶାଣ ବାଜା ଉଛେ ଶୁଭେ । ଯହିଁକି ଗଲେ ନିଶାଣ ବଜାଇ ସେ ଯାନ୍ତି । ଏମନ୍ତେ କ୍ଷେତ୍ର ମଧ୍ୟରେ ହେବେ ସେହି ଯତି ॥ ନିଶାଣ ବଜାଇ ବଡଦାଣ୍ଡେ ଯାନ୍ତେ ପଶି । ଶୁଣି ଚମକି ପଡ଼ିଲେ ସର୍ବ ପୁରବାସୀ ॥ ତାହାଙ୍କ ସଙ୍ଗତେ ଶୁଣି ଗଜପତି ରାଜା । ବୋଲିବେ କାହିଁ ଅଇଲା ଏ ଅପୂର୍ବ ବାଜା ॥ ଲୋକେ ବୋଇଲେ ମଣିମା ବଇଷ୍ଣବ ଜଣେ । ନିଶାଣ ବଜାଇ ଯାନ୍ତି ସାଙ୍ଗ ବଡଦାଣ୍ଡେ ॥ ରାଜା ବୋଲିବେ ଏ ବାଜା ଦେଲା କେ ତାହାକୁ । ଏ ବାଦ୍ୟ ଶୋଭା ପାଇବ ଅମ୍ଭ ଗହଣକୁ ॥ ନୃପତିକୁଳକୁ ଯିନା ଏ ବାଦ୍ୟ ଶୋଭଇ । ସେ କାହିଁକି ବଜାନ୍ତି ତା ବୃଷ୍ଟିଅସ ଯାଇ ॥ ରାଜାର ଆଜ୍ଞା ପାଇଣ ଧାଇ ଯିବେ ଲୋକେ । ମିଳିବେ ଯାଇ ସେ ସାଧୁ ମହନ୍ତର ପାଖେ ॥ ବୋଲିବେ ଆହେ ଗୋସାଇଁ ରଖ ଏ ବାଜଣା । ଶ୍ରୀମହାରାଜା ଏ କରୁ ଅଛନ୍ତି ତୋଲଣା । ସେ ବଇଷ୍ଣବ ବୋଲିବେ ଶୁଣ ଅରେ ଦୂତ । ଯେବେ

Digitized by srujanika@gmail.com

ବଜାଇବା ପାଇଁ ମନାକଲ ମୋତେ ॥ ନବାଜୁ ନବାଜୁ ଅଉ କାହାର କଥଣି । ଲୋକେ ଧାଇଁଯିବେ ପୁଣି ଏ ବଚନ ଶୁଣି ॥ ଶ୍ରୀଘମୂତେ ଜଣାଇବେ ମହନ୍ତଙ୍କ ସ୍ୱଷ । ଶୁଣି ଗଜପତି ରାଜା ହୋଇବେ ହରଷ ॥ ବୋଲିବେ ଦେଖି ଅମ୍ଭର ବଜାରେ ନଗାରି । ଶୁଣିଣ ସମୁର ଲୋକେ ବଜାଇବେ ଆଣି ॥ ପିଟିବେ ଯେତେ ଉପରେ ନଶୁଭିବ ନାଦ । ତାହା ଦେଖି ସର୍ବ ଲୋକେ ହୋଇବେ ସ୍ତବ୍ଧ । ଆଶ୍ଚର୍ଯ୍ୟ ଦେଖିଣ ରାଜା ସାଧୁପାଶେ ଯିବେ । ବହୁତ କାରୁଣ୍ୟ ହୋଇ ଦଣ୍ଡବତ ହେବେ ॥ ବୋଲିବେ କାହିଁକି ଏହି ନଗାରି ନ ବାଜେ । ଗୋସାଇଁ ବୋଲିବେ ଧୁମ୍ବ ଅଜ୍ଞା ମହାରାଜେ । ଆପଣ ନାହିଁ କଲରୁ ନ ବାଜଇ ଜାଣ । ଗୁରୁ ଅଜ୍ଞା ରାଜା ଆଜ୍ଞା ସାଧୁଆଜ୍ଞା ପୁଣ ॥ ଏତନ ଅଜ୍ଞା ଯଥାରେ ସର୍ବ ଲୋକେ ମାନ । ଗଜପତିଙ୍କର ବାକ୍ୟ ଲେ ମେଣ୍ଟନ୍ତା ପୁଣି ॥ ଅନ୍ୟବାଜା ଅହେ ରାଜା ନ ବାଜିଲ ଯହିଁ । ରାଜ୍ୟର ସକଲ ବାଜା ବାଜନ୍ତା ବାଜାହିଁ । ଶୁଣି ଗଜପତି ରାଜା ହେବେ ହସହସ । ବୋଲିବେ ଅଜ୍ଞା କରନ୍ତୁ ବାଜୁ ବାଦ୍ୟଘୋଷ ॥ ମହନ୍ତ ସାଧୁ ବୋଲିବେ ବାଜୁ ବାଜୁ ବାଦ୍ୟ । ତତକ୍ଷଣେ ବାଦ୍ୟ ବାଜିବ କରି ଘୋର ନାଦ । ସାଧୁମାନଙ୍କର ବାକ୍ୟ ଏହିପରି ଦୃଢ଼ । ସାଧୁଙ୍କ ମହିମା ବୁଝି ନ ପାରନ୍ତି ମୂଢ଼ । ଅହେ ପାର୍ଥ ଏ ଧର୍ମର ଏଡ଼େ ବଡ଼ ଅଙ୍ଗ । ତାହାଙ୍କ ପର ହୋଇବେ ନାରାୟଣ ଭକ୍ତ ॥ ସେହି ନାରାୟଣ ଭକ୍ତ ମଥୁରା ମଣ୍ଡଳେ । ରହିଣ ଶିଷ୍ୟ କରିବେ ମୋହନ ଗୋପାଳେ । ତାହାଙ୍କ ଶିଷ୍ୟ ହୋଇବେ ଶ୍ରୀମନ୍ତ ମହନ୍ତେ । ଶ୍ରୀମନ୍ତ ମହନ୍ତଶିଷ୍ୟ ଗୌତମ ପଣ୍ଡିତେ ॥ ଗଉତମ ପଣ୍ଡିତଙ୍କ ଶିଷ୍ୟ ଜୟଦେବେ । ସେ ଗୀତଗୋବିନ୍ଦ ରସ ପ୍ରଚାରିବେ ଭବେ ॥ ଏହିରୂପେ ଶ୍ୟମାନନ୍ଦ ସମ୍ପ୍ରଦାୟ ପୀଢ଼ି । କହିଲେ ଯେ ନ ସରଇ ଶ୍ରୀବସ୍ତୁର ଗୋଡ଼ି ॥ ଶ୍ରୀବସ୍ତୁର ପାଦ ସେବା କରନ୍ତି ଏମାନେ । ଶ୍ରୀମହାଲକ୍ଷ୍ମୀଙ୍କ ଛଡ଼ା ନ ଚଳନ୍ତି ଥାନେ । ଏବେ ଧାମ କ୍ଷେତ୍ର ଏହି ସମ୍ପ୍ରଦାର ଶୁଣ । କ୍ଷୀରଶାପ୍ତୀ ଧର୍ମଶାଳା ବଇକୁଣ୍ଠ ଧାମ ॥ ଦ୍ୱାରକା ତା ଗୋଲକହାଟ ଗୋଲୋକ ଛୁଯ କ୍ଷେତ୍ର । ଧାରଣା ଯେ ପୂର୍ଣ୍ଣବ୍ରହ୍ମ ଓଁ ଯେ ମୂଳମନ୍ତ୍ର ॥ ସାଯୁଜ୍ୟ

Digitized by srujanika@gmail.com

ମୁକ୍ତି ହିଁ କହ୍ନ ସଙ୍ଗବେଣୀ ନାମ । ଅଗୃର୍ଦ୍ଧ୍ୟ ନାରଦମୁନି ଋଷି ଗଉ-
ତମ । ଗୋତ୍ର ସୂର୍ଯ୍ୟାମ୍ନକ ତାର ଅଥର୍ବ ଯେ ବେଦ । ଅଧାମ୍ନ ଜ୍ୟୋତି
କରନ୍ତ ବ୍ରହ୍ମ ପ୍ରାଣଛନ୍ଦ ॥ ବ୍ରହ୍ମରନ୍ଧ୍ର ବଡ଼ଦାଣ୍ଡ ଅସ୍ଥା ଯେ ବଜାଉ ।
ପରମହଂସ ଯେ ଧର୍ମ ବ୍ରହ୍ମ ଧ୍ୟାନ ତାର । ତନି ଉତ୍ପତ୍ତି ତ୍ରିକୂଟ
ବୋଲି ଯେଉଁଠାରେ । ବନ୍ଧ ଘର ଚଢ଼ି ବାନ୍ଧୁ ଯେମନ ସେହିଠାରେ ।
ଶ୍ରୀପରମହଂସ ଭକ୍ତି ବାଞ୍ଛା କଳ୍ପବଟ । କମଳା ଅନଙ୍ଗମାତାର ମଠ ବଇ-
କୁଣ୍ଠ । ପଦ୍ମଆସନ ଗାୟତ୍ରୀ ଯେନ୍ତ୍ର ପଦ୍ମଘଟ । ଶୁକ୍ଳାମ୍ବର ହନ୍ତ୍ରୀଙ୍କର
ନିତ୍ୟସ୍ଥଳୀ ପେଣ୍ଠ ॥ ସେବା ପବନ ଅଲଷ୍ଟ ରସ ଭ୍ରମରସ । ଅଷ୍ଟସଖୀ-
ଙ୍କର ନାମ ଶୁଣ ଗୁଡ଼ାକେଶ ॥ ପଦ୍ମା ପାବନୀ ପଦ୍ମନେତ୍ରୀ ପରମଳା ।
ପଦ୍ମମୁଖୀ ପଦ୍ମତୋଳା ପିଙ୍ଗଳା ଚିତ୍ରଲା । ଏହି ଧର୍ମ ପନ୍ଥା ଧର୍ମ ପଦ୍ମରେ
ଅଛଇ । ଯାବତ ଶଙ୍କର ପଦ୍ମକୋଷ୍ଠ ପ୍ରବର୍ତ୍ତଇ । ବୁଝିଲେ ସମ୍ପ୍ରଦା
ଯାକ ସବୁ ପଦ୍ମ ଏକ । ଇହି ମୂଳ ସମ୍ପ୍ରଦା ନ ଜାଣେ କେହି ଲୋକ ॥
ମୋତେ ହେଲେ ଦଶେ ଆତ୍ମା ପଦ୍ମରୁ ପ୍ରକାଶ । ମାତାର ଗର୍ଭରେ
ରହି ଅଛେ ଦଶମାସ ॥ ଶରୀରରୁ ଜାତ ହୋଇ ଶରୀରେ ସଞ୍ଚରେ ।
ବୁଝିଲେ ସବୁର ଆତ୍ମା ଏକ ସୂତ୍ରେ ଧରେ ॥ କେହି ଅବା ଭାଗ୍ୟବନ୍ତ
ସୁଖ ଭୋଗ ଭୁଞ୍ଜେ । ସକଳ ଜୀବ ପ୍ରକାଶପାନ୍ତି ନାଭିକଞ୍ଜେ ॥ ଏଣୁ
ସବୁ ଲୋକଙ୍କର ମୂଳ ପଦ୍ମରଙ୍କା । ନିର୍ମାଲ୍ୟ ଭୋଜନ କର ସଙ୍ଗେ
ବସି ଏକା । ଆଧାର ଲିଙ୍ଗ ଯେ ନାଭି ହୃଦୁ କଣ୍ଠ ଯାଏ । ଲଲାଟ
ଚକ୍ରକୁ ଭେଦ ଜନ ପଦ୍ମପାଏ ॥ ଏମନ୍ତ ମହାତ୍ମା ଏହି ସମ୍ପ୍ରଦାର
ଧର୍ମ । ପ୍ରଥମରୁ ଶିଷ୍ୟ ପନ୍ଥା ହେବଲ ବସ୍ତ୍ରଶ୍ୟାମ ॥ ହେଣୁ ଏହି
ସମ୍ପ୍ରଦାକୁ ବସ୍ତ୍ରଶ୍ୟାମ କହି । ଏରୂପେ ବୋଲନ୍ତି ବୃନ୍ଦାବନ ଗୁରୁଭାଇ ॥
ଶ୍ରୀରାମାନନ୍ଦ ମାଧବାନନ୍ଦ ନିତ୍ୟାନନ୍ଦୀ । ଶ୍ୟାମାନନ୍ଦୀଙ୍କ ଯେନିଣ
ଗୁରୁଧର୍ମ ବନ୍ଧ । ଏହି ଚାରି ଧର୍ମପରେ ଅଛି ଯେତେ ଶାଖା ।
ସମ୍ପ୍ରଦାରେ ନ ପଶି ଏ ସେବାକର ଶିକ୍ଷା ॥ ଅଉ ଯେଉଁ
ଢଳକ ଏ ଗୁପ୍ତ ଧର୍ମ ତଳ । ନ ବୁଝିଲେ ତ୍ରିଲୋକେ ନିନ୍ଦେ,

Digitized by srujanika@gmail.com

ଲଗାନ୍ତି ଯେ ଗୋଳ ॥ ସମ୍ପ୍ରଦା ନ ଚହ୍ନି ପୁଣି ନ ଚହ୍ନି ଛଳକେ । ଅନ୍ୟଧର୍ମ ମୂଳ ବୋଲି ବୋଲୁଥାନ୍ତି ଥୋକେ ॥ ଷ୍ଟକରମାଳା ଭଜ ବିପିବେ ସ୍ୱରଣେ । ସମ୍ପ୍ରଦାତତ୍ତ୍ୱ ବୁଝିବା କଥା ଥାଉ ଟେଣେ ॥ ଯହିଁ କଣ୍ଠଧ୍ୱନଯନ୍ତ୍ର ଛଳଙ୍କୁ ଦ୍ୱାନ୍ତି । ଛଦ୍ମେ ବୈଷ୍ଣବ ହୋଇ ସପାରକୁ ଜନ୍ତି ॥ ସମ୍ପ୍ରଦା ଧର୍ମକୁ ନିନ୍ଦା କଲେ ଯେତେ ପାପ । ତାହା ଥମ୍ଭେ ତୋ ଆଗରେ କହୁଛୁ ସ୍ୱରୂପ ॥ ଜୀଇଥିଲେ କଷ୍ଟ ମଲେ ପଡ଼ନ୍ତି ନରକେ । ଆଉ ଯେତେ ଦୋଷ ତହିଁ କହୁଅଛୁ ଥୋକେ ॥ ଶିବ ନି ର୍ଗନ ନ କର ଭୁଞ୍ଜନ୍ତି ଯେ ଅନ୍ନ । ଶିଷ୍ୟ ଅନୁକ୍ରମେ ଯେହୁ ନ ଦଅନ୍ତି ଦାନ ॥ ନିଜଶକ୍ତି ଅନୁସାରେ ନ ବଞ୍ଚେ ଯେ କାଳ । ଜୀବପୋଷି ନାଶ-କରେ ଯେବଣ ଶୃଗାଳ ॥ ଧନଲୋଭେ ସ୍ତ୍ରୀଙ୍କ ଯେ ପରେ କରେ ଦାନ । ନିଜ ଧର୍ମ କର୍ମ ବଳ ନାଏ ତହିଁ ଧନ ॥ ଦୁଃଖ ଦେଖିଣ ପ୍ରାଣୀଙ୍କ ନ କରେ ଯେ ଦୟା । ବିଶ୍ୱାସ ଦେଖାଇ ଜନେ କରେ ଯେହୁ ମାୟା ॥ ବ୍ରାହ୍ମଣଙ୍କ ବ୍ରତଅଶା ଭାଙ୍ଗନ୍ତି ଯେ ପ୍ରାଣୀ । ସାଧୁଙ୍କୁ ନିନ୍ଦା କରି ଯେ କହେ କଟୁ ବାଣୀ ॥ ଗୁରୁଙ୍କୁ ନ ମାନ ଯେ ଦକ୍ଷିଣା ନ ଦଅନ୍ତି । ପରର ପଦାର୍ଥ ଯେହୁ ଚୋର କରି ନିଅନ୍ତି ॥ ମାନତା ସ୍ତ୍ରୀଙ୍କି ଯେହୁ କରେ ପରିହାସ । ଶାସ୍ତ୍ର ଶୁଣି ବକ୍ତାଙ୍କୁ କହେ ଯେ କୁଭାଷ ॥ ଦାନବୃତ୍ତି ମାନି ହରି ନିଅନ୍ତି ଯେ ଜନ । ଭାଙ୍ଗଇ ଯେ ପର ଧର୍ମ କହେ କୁବଚନ । ସୂର୍ଯ୍ୟଉଦେ ଅସ୍ତରେ ଯେ ଭୋଜନ କର ଭୁଞ୍ଜେ । ପତ୍ନୀର କଥାରେ ଯେହୁ ପିତା ମାତା ଗଞ୍ଜେ ॥ ଆପଣା ସ୍ତ୍ରୀ ଥାଉଁ ଯେ ରମେ ପରସ୍ତ୍ରୀଙ୍କି । ବ୍ରାହ୍ମଣ ହୋଇଣ ଯେବେ ଅକର୍ମ ଆଚରି ॥ ଅଥବା ବ୍ରାହ୍ମଣୀ ଯେହୁ ହରଣ କରଇ । ମାତୃହରଣ ଦୋଷକୁ ସେ ପାପୀ ଲଭଇ ॥ କୁଜନଙ୍କ ସଙ୍ଗେ ଯେହୁ ବସେ ଚରଦିନ । ଅନ୍ଧଙ୍କ ଯା ଘରୁ ଯାନ୍ତି ନିରାଶ ହୋଇଣ ॥ ବିଶ୍ୱାସିଜନଠାରେ ଯେ ଅବିଶ୍ୱାସ ହୋଇ । ଅସ୍ନାଧାତଳ୍ପୀ ହୋଇଣ ଯେ ପ୍ରାଣୀ ମରଇ ॥ ବ୍ରାହ୍ମଣ ହୋଇ ଯଦ୍ୟପି ହରଇ ଶୂଦ୍ରାଣୀ । ନ ପାବନ୍ତି ପିତୃଲୋକେ ତାହା ହସ୍ତେ ପାଣି ।

Digitized by srujanika@gmail.com

ଦୋଷକୁ ଅର୍ଜି ସ୍ୱାଦପେ ନମ୍ରମ ଯେ କରେ । ତାହାର ଉଦରେ ମହା ବ୍ୟାଧି ଜାଣ ଧରେ । ବେଶ୍ୟା ସଙ୍ଗରେ ପୀରତି କରଇ ଯେ ଜନ । ରତ୍ନୋବସ୍ତ୍ର ନାରୀଙ୍କ ଯେ କରଇ ହରଣ । ବଡ଼ିଶୀ ଟୋଇ ଜଳ୍କୁ ମୀନ ଯେ ମାରନ୍ତି । ଭୁଞ୍ଜାଇ ବସାଇ ନେହ କୂଟେ ବଷଦ୍ୟନ୍ତି ॥ ରାତ୍ରିକାଳରେ କଣ୍ଟକ ପକାନ୍ତି ଯେ ବାଟେ । ମଳମୂତ୍ରକୁ ତେଜନ୍ତି ଯେ ଗାଧୁଆ ତୁଠେ ॥ ଶରଣ ପଶିଲେ ତାଙ୍କୁ ଯେ ନ କରେ ରକ୍ଷା । ଯଜ୍ଞାଚ୍ଛାଦନ ଲେଖି ଯେ ନ ଦିଅନ୍ତି ବସ୍ତ୍ରା ॥ ଶ୍ରେଷ୍ଠଜାତି ହୋଇ ଯେହୁ କରେ ସୁରାପାନ । ମନ୍ତ୍ରକୁ ନ ଘେନ କରେ ଶରୀର ବଧାନ ॥ କନ୍ତୁ ନେଇ ମେ ମାପିଦଏ କମ କରି । ଅନ୍ନଦ୍ୱାରେ ନ ରହେ ଯେ ବ୍ରହ୍ମନଷ୍ଟ ଧରି ॥ ଶ୍ରୀଗୁରୁ ଗୋସାଇଁଙ୍କ ଠାରେ କରେ ଯେହୁ କ୍ରୋଧ । ପୁତ୍ର ଯେବେ ଥାଇଁଣ ନ କରେ ପିତୃ ଶ୍ରାଦ୍ଧ ॥ ସୁବେଦୀ ବ୍ରାହ୍ମଣଙ୍କୁ ଯେ ଦଏ ଅପମାନ । ବୈଷ୍ଣବ ସାଧୁଙ୍କ ଦ୍ରବ୍ୟ ଯେ କରେ ହରଣ ॥ ଗ୍ରନ୍ଥର ବଚନକୁ ଭାଙ୍ଗେ ଯେଉଁ ନାସ୍ତି । ଗୁରୁ ଗୋବିନ୍ଦର ନାମ ମୁଖେ ନ ଉଚ୍ଚାରି ॥ ବସ୍ତ୍ର ପୁରାଣ ଶ୍ରବଣେ ଯେ ବିଷ ମଣନ୍ତି । ତୁଳସୀ ବୃକ୍ଷକୁ ଯେହୁ ଗୃହେ ନ ସ୍ଥାପନ୍ତି ॥ ବାଳକ ଦେହରୁ ଯେହୁ କାଢ଼ି ନିଏ ଧନ । ଗୁରୁଠାରେ ଦ୍ରୋହ କରେ ଯେବଣ ଦୁର୍ଜନ ॥ ବାପା ହୋଇ କନ୍ୟାକୁ ଯେ ଛାଡ଼େ ଅଦୋଷରେ । ଅନୁଚିତ ଖତ ଯେହୁ କହେ ରାଜଦ୍ୱାରେ ॥ ବିଷ୍ଣୁ ଭକ୍ତ ଜନଙ୍କୁ ଯେ ଅଦୋଷରେ ଦଣ୍ଡେ । ହରିନାମ ବେଳେ ଯେହୁ ନ ବୋଲଇ ତୁଣ୍ଡେ ॥ ଉଚ୍ଚେ ହେବା ଆଶାରେ ଯେ ଛାଡ଼େ ନିଜ ଜାତି । ଯେ ପ୍ରାଣୀ ଦାନ ଘେନିଣ ସର୍ବଦା ବଞ୍ଚନ୍ତି ॥ ଏତେକ ପାତକ ଲଭେ ଜାଣ ଯେହୁ ଜନ । ଯେ ସମ୍ପ୍ରଦା ନିନ୍ଦା କରେ ଅହୋ ଅରଜୁନ ॥ କହିଲୁଁ ତୋ ଆଗେ ଅମ୍ଭେ ସକଳ ବସ୍ତାରି । ଦୀନକୃଷ୍ଣ ପ୍ରଭୁଙ୍କର ପାଦ ସେବାକାରୀ ॥

ଇତି ଶ୍ରୀ ନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ସମ୍ପ୍ରଦା ନିନ୍ଦାଫଳନିର୍ଣ୍ଣୟୋ ନାମ ଅଷ୍ଟଷଷ୍ଟିତମୋଽଧ୍ୟାୟଃ ।

—:o:—

Digitized by srujanika@gmail.com

ଊନସପ୍ତତିତମ ଅଧ୍ୟାୟ ।

ଅର୍ଜ୍ଜୁନ କହିଲେ ଅହେ ଦେବ ଚକ୍ରଧର । ପାଦ ଗୋଟିଏ ଦେଖିଲେ ଛାତିରେ ତୁମ୍ଭର ॥ ଏହା ଦେଖି ମୋ ମନରେ ହୋଇଛି ସନ୍ଦେହ । ସେ ଚିହ୍ନ କପାଇଁ ତୁମ୍ଭେ ବହିଅଛ କହ ॥ ଗୋବିନ୍ଦ ବୋଇଲେ ପାର୍ଥ ଶ୍ରୀବତ୍ସ ବ୍ରାହ୍ମଣ । ପାଦେକ ମାଇଲା କୋପେ ଛାତିରେ ମୋ ଜାଣ ॥ ସେହି ଚିହ୍ନ ବହିଅଛି ନ ଯାଇ ଯେ ଲିଭି । ଅର୍ଜ୍ଜୁନ କହଇ ପୁଣି ମନମଧ୍ୟେ ଭାବି ॥ ଶ୍ରୀବତ୍ସ ବ୍ରାହ୍ମଣ କିଏ କାହାର ତୁମର । ସେ କପାଁ କଲା ଛାତିରେ ଚରଣ ପ୍ରହାର ॥ କେଉଁ ଦିନ କଲା ତାହା ନ କହିଲ ମୋତେ । ଧରଅଣି ଦଣ୍ଡିଆନ୍ତି ମୁଁ ତୁମ୍ଭ ଅଗ୍ରତେ ॥ ଶ୍ରୀହରି ବୋଇଲେ ପାର୍ଥ ଏ ଯୁଗରେ ନୁହେ । ଅପାର କାଳର କଥା ଶୁଣ ଏବେ କହେ ॥ ହୁଅଛି ଆଦ୍ୟ ସତ୍ୟଯୁଗର ପ୍ରସଙ୍ଗ । ପ୍ରଜାପତି ନାମେ ବ୍ରହ୍ମା କଲେ ମହାଯାଗ ॥ ଅଗ୍ନିରେ ଦିଅନ୍ତି ଋଷିଯାକ ମିଳି ହବି । ଅର୍ଘ୍ୟଥାଳି ଘେନି ପ୍ରଜାପତି ମନେ ଭାବି ॥ କାହାକୁ ମୁଁ ଆଗ ଅର୍ଘ୍ୟ ଦେବି ସର୍ବେ ତପୀ । ଅଠାଅଶୀ ସହସ୍ର ଯେ ଋଷି ମହାକୋପୀ ॥ ଜଣକୁ ଦେଲେ କରିବେ ସିନା ସେହି ଗୋଳ । ଏତେକ ପାଞ୍ଚି ଥୋଇଲେ ଥାଳି ଭୂମିତଳ ॥ ରଖନ୍ତେ ଅର୍ଘ୍ୟକୁ ଟେକିଲେ ଜନ୍ତୁବୃଷ୍ଟି ହସି । ବୋଇଲେ ବଶିଷ୍ଠ ଋଷି ଆର୍ଜ୍ଜ ଉଚ୍ଚବଂଶୀ ॥ କପାଇଁ ଥାଳି ଥୋଇଲ ଅହେ ପ୍ରଜାପତି । ବୁଝିଲେ ବଶିଷ୍ଠଋଷି ବ୍ରାହ୍ମଣ ଅଟନ୍ତି ॥ ନାରଦ ବୋଇଲେ ତାଙ୍କୁ କପାଁ ଅର୍ଘ୍ୟ ଦେବ । ବେଶ୍ୟା ପୁତ୍ର ହୋଇ ବଡ଼ କେମନ୍ତେ ହୋଇବ ॥ ନୋହିଲା କଥା ସଭାରେ କହ କିବୁ ଅଣି । ମହତ ସଙ୍ଗ ବୁଡ଼ାଉ ଅଛ ଭୂଇପାଣି ॥ କିବୁ ବୋଇଲେ ସଭାରେ ଅଛନ୍ତିତ ବସି । ଉତ୍ତମ ଜାତି ଅଟନ୍ତି ଏହି ଶକ୍ତି ଋଷି ॥ ଏହାଙ୍କୁ ଅର୍ଘ୍ୟ ଦେଲେତ ଦୋଷ ହେବ ନାହିଁ । ନାରଦେ ବୋଇଲେ ଶ୍ରେଷ୍ଠ ନୁହନ୍ତିତ ସେହି ॥ ଚଣ୍ଡାଳୀ କନ୍ୟା ଗର୍ଭରୁ ଅଛନ୍ତି ଜନମି । କ ବୋଲି

Digitized by srujanika@gmail.com

ତାହାଙ୍କୁ ଅର୍ଘ୍ୟ ଦେବ ପାଦେ ନମି ॥ ଶୁକ ବୋଇଲେ ଏ ପଞ୍ଚଶରଙ୍କୁ ଯେ ଦିଅ । ବୁଝିଲେ ଅଛନ୍ତି ପ୍ରତ୍ୟକ୍ଷେ ଏ ବ୍ରହ୍ମମୟ ॥ ନାରଦେ ବୋଇଲେ ଏହା କହୁଛ କେମନ୍ତେ । ଶବରୀ କନ୍ୟା ଗର୍ଭରୁ ଜନମି ସାକ୍ଷାତେ ॥ ଜାଣ ଜାଣୁ ଅର୍ଘ୍ୟ ଦେଉଛ ତାହାଙ୍କୁ କିପର । ନୋହିଲା କଥାକୁ ଅଣି କହ ତପସ୍ୱୀ ॥ ଶୁକ ବୋଇଲେ ବ୍ୟାସଙ୍କ ପାଦେ ଅର୍ଘ୍ୟ ଦିଅ । ଶୁଣି ନାରଦେ ହସିଲେ ହୋଇ ଟହ ଟହ ॥ ଶୁକ ବୋଇଲେ ହେ ମୁନି ହସିଲ କିପାଇଁ । ବେଦବ୍ୟାସ ଋଷି ବିଷ୍ଣୁ ସମାନ ଅଟଇ ॥ ଲଚ୍ନ ଆଦ୍ୟ ପାଦରୁ ସେ ଯେବେ ଜନ୍ମିଥାନ୍ତେ । ବିଷ୍ଣୁ ଅବତାର ଆଉ କାହିଁକି ହୁଅନ୍ତେ ॥ ନାରଦେ ବୋଇଲେ ଅର୍ଘ୍ୟ ନ ଯୋଗାଇ ତାଙ୍କୁ । ନୋହିବାର କଥାଯାକ କହୁଛ ଅମ୍ଭଙ୍କୁ ॥ ବୁଝିଲେ ବ୍ୟାସ ଅଛନ୍ତି ଜଳବର୍ତ୍ତୀପୁତ୍ର । ତାଙ୍କୁ କି ବୋଲି ବୋଲୁଛ ଦେବା ଅର୍ଘ୍ୟପାତ୍ର ॥ ସବୁ ଋଷିଙ୍କର ଜାତି କେହ୍ନାକୁ କହ କି । ଆମ୍ଭ କହିବା ବଚନ ଗୋଟି ପାଳିବ କି ॥ ଯାହାଙ୍କୁ ଅର୍ଘ୍ୟ ଦେବା ତା କହିବା ହୋ ଶୁଣ । ଅଛନ୍ତି ତ ବ୍ରହ୍ମା ବିଷ୍ଣୁ ଶିବ ତିନିଜଣ ॥ ଏ ତିନି ମୂର୍ତ୍ତି ବିଗ୍ରହ ଆଗେ ଅର୍ଘ୍ୟ ଦିଅ । ନାରଦଙ୍କ କଥା ଶୁଣି ବେଦବ୍ୟାସ ପୁଅ ॥ ଶୀବସ୍ତ ତା ନାମ ସେହି ବ୍ୟାସ ଜ୍ୟେଷ୍ଠବାଳା । ତପ ଜପେ ପରିପୂର୍ଣ୍ଣ ଯୋଗେ ଅନର୍ଗଳା ॥ ବଷ ଜନା ଶୁଣି କୋପେ ହୋଇ ତମ ତମ । ବୋଇଲେ ଏ ସଭା-ଯାକ ମୁନିଙ୍କ ଉତ୍ତମ ॥ ନାରଦ ମୁନି ସ୍ୱଭାବ ଜାଣନ୍ତି ସକଳେ । ଆପଣା ମର୍ମ ନ ଖୋଳ ପର ମର୍ମ ଖୋଳେ ॥ ବୋଇଲେକ ଶୁଣ ହେ କଳହପ୍ରିୟ ମୁନି । ନୋହିଲେ ବୁଲନ୍ତ ତୁମ୍ଭେ କଳି ମୁଣି ଘେନି ॥ କାଖେ କଳି ଧୋକଡ଼ି ଯେ ମୁଖେ କଳି କର । ଦିନେକେ ଲଗାଅ କଳି କୋଡ଼ିଏ ହଜାର ॥ ନୋହିଲା କଥାଯାକ ହୋଇଲା ବୋଲି କହ । କଳି ନ ଲାଗିଲେ ଶୁଖିଯାଏ ତୁମ୍ଭ ଦେହ ॥ କଳି ଲଗାଇଦେଇ ଯେ ଦୂରିଯାଇ ଦୂରେ । ମୁଣି ଝାଡ଼ିଦେଇ ନୃତ୍ୟ କର ଆନନ୍ଦରେ ॥ ତୁମ୍ଭରମାନ୍ତ ଏତିକି ବଣ୍ଡିପଣ ଅଛି । ତେଣୁ ଏ ସଭାରେ

Digitized by srujanika@gmail.com

ତୁମ୍ଭେ ଦେଉଅଛ ବାହୁ ॥ ଅମ୍ଭବଂଶ କରଣୀକ ଦେଖାଉଛ ଏବେ ।
ବେଳରେ ମୂର୍ଦ୍ଧ୍ନୀ ବନ୍ଦା କରିବ ଯେ ସର୍ବେ ॥ ବ୍ୟାସ ଯେ ଅମ୍ଭର
ବାପ ଯେହୁ କୁଳଶ୍ରେଷ୍ଠ । ତାଙ୍କ ପିତା ଶକ୍ତି ତାଙ୍କ ପିତା ଯେ ବଶିଷ୍ଠ ॥
ବଶିଷ୍ଠଙ୍କ ପିତା ଯେ ଅଟନ୍ତି ଦେବବ୍ରହ୍ମା । ବ୍ରହ୍ମାଙ୍କର ବାପ କେହୁ
କହିବ ଗୁଣିମା ॥ ଏତେ ନୀଚକୁଳେ ବ୍ରହ୍ମା କାହିଁକି ଜନ୍ମିଲେ ।
ବିପ୍ର କୁଳକୁ କଳଙ୍କ ବ୍ରହ୍ମା ଯେବେ କଲେ ॥ ବ୍ରହ୍ମାଙ୍କୁ ଯାଉଛି
ଆଗ ପଚାରି ଆସିବି । ଶ୍ରୀବତ୍ସ ଏପରି ଚର୍ଚ୍ଚ କରନ୍ତେଣ ତମ୍ଭି ॥
ନାରଦେ ବୋଇଲେ ଏତେ ଛଳ ଯେବେ କଲ । ଅନ୍ତଯାଏ କାହିଁକି
ନ ପୁଚ୍ଛ ଭୁବ ହେଲ ॥ ଶୁଣି ଶ୍ରୀବତ୍ସ ବ୍ରାହ୍ମଣ ଗଲେ କ୍ରୋଧ ହୋଇ ।
ବ୍ରହ୍ମାଙ୍କ ପୁରେ ମିଳିଲେ ଅତିଶୀଘ୍ର ଯାଇ ॥ ଦେଖିଲେକ ପିତାମହ
ସ୍ନାନ ସନ୍ଧ୍ୟା ସାରି । ଜପନ୍ତି ଗାୟତ୍ରୀମନ୍ତ୍ର ହୃଦେ ଧ୍ୟାନ କରି ॥ ଏମନ୍ତ
ସମୟେ ଯାଇ ଶ୍ରୀବତ୍ସ ମିଳିଲେ । ବ୍ରହ୍ମାଙ୍କ ପଛରେ ପଡ଼ି ଶୋଇ ଜଣାଂ
ଇଲେ ॥ ପୁଣି ଉଠି ଅପସରି ରହି ବ୍ରହ୍ମଋଷି । ନ ଶୁଣିଲେ ବ୍ରହ୍ମା
ତାହା ଜପେ ଛନ୍ତି ବସି ॥ ଦେଖି ଶ୍ରୀବତ୍ସ ବ୍ରହ୍ମାଙ୍କୁ କଲେ ମହାକୋପ ।
ବୋଇଲେ ମର୍ତ୍ତ୍ୟରେ ପୂଜା ନୋହୁ ତୋର ରୂପ ॥ ଆଜିଠାରୁ ପୂଜା
କେହି ନ କରନ୍ତୁ ତୋତେ । ମୋ ଶାପେ ଅପୂଜା ହୋଇ ରହ ତୁ
ଜଗତେ ॥ ମୁଁ ଯେ ଏତେ କ୍ରୋଧ ହୋଇ ଆସିଲିଣି କହି । ତୁ
ତାହାକୁ ନ ବୁଝିଲୁ ଧାତା ପଦ ବହି ॥ ଯାଉଛି ହୋ କଥା ହରି
ଆଗେ ଜଣାଇବି । ତାଙ୍କଠାରୁ ନ୍ୟାୟ ଶୁଣି ବାହୁଡ଼ି ଆସିବି ॥
ଏତେକ ବୋଲି ଶ୍ରୀବତ୍ସ ଗଲେ କଇଲାସ । ଦେଖିଲେ ପଡ଼ିଛି
ହର ଉମା ଖେଳରସ । ଶ୍ରୀବତ୍ସ ମୁନି ବସିଲେ ଯାଇ ଖେଳ ପାଶେ ।
ଆପଣା ବଂଶର କଥା କହିଲେ ବିଶେଷେ ॥ ସେହି କଥାଯାକ କିଛି ନ
ଶୁଣିଲେ ହର । ଖେଳର ଝୁଲେ ବୋଇଲେ ପୁଣି ମାର ମାର ॥
ତାହା ଦେଖି ଋଷି ଶାପ ଦେଲେ କ୍ରୋଧ ବହି । ମର୍ତ୍ତ୍ୟେ କେ ଶିବ
ନିର୍ମାଲ୍ୟ ନ ଭକ୍ଷନ୍ତୁ କେହି । ଏତେକ ବୋଲି ସେଠାରୁ ବୈକୁଣ୍ଠକୁ

Digitized by srujanika@gmail.com

ଷଲେ । ଅମ୍ଭ ସନ୍ନିଧିରେ ଯାଇଁ ମୁନି ଉଭାହେଲେ ॥ ଦେଖିଲେ ଯେ ନିଦ୍ରାଯାଇଅଛୁଁ ଅମ୍ଭେ ତହିଁ । ଶଙ୍ଖ ଚକ୍ର ଗଦା ପଦ୍ମ ଚତୁର୍ଭୁଜେ ବହି । ଅମ୍ଭଙ୍କୁ ନିଦ୍ରିତ ହେବା ଦେଖି ମହାମୁନି । ମନରେ ପାଞ୍ଚିଲେ ଏତ ପ୍ରଭୁ ଅନ୍ତର୍ଯ୍ୟାମୀ ॥ ଅମ୍ଭର ଆସିବା କଥା ଜାଣିବେ ଏ କିବି । ଭବ ନରଙ୍କ ପର ନୁହେ ବିଷ୍ଣୁ ବିଭୁ ॥ ସକ୍ଷାତେ ଅମ୍ଭେ ବିଷ୍ଣୁଙ୍କୁ ଆଦିଅଛୁଁ ଜାଣ । କରନ୍ତି ଏ ପ୍ରତୀକାର ସକଳ ପ୍ରାଣିଙ୍କି ॥ ନ କହିଲେ ଜାଣନ୍ତି ନ ଶୁଣନ୍ତି କହିଲେ । ପ୍ରାଣିଙ୍କର ମନ ଜାଣି ଦେଇଥାନ୍ତି ଭଲେ । ଅନ୍ତର୍ଯ୍ୟାମୀ ପ୍ରଭୁ ଥାନ୍ତି ସବୁର ଅନ୍ତରେ । ନିଦ୍ରାରୁ ଉଠି ଅମ୍ଭଙ୍କୁ କହିବେ ସତ୍ୱରେ ॥ ନାରଦ ବଟାଳ କରି-ଛନ୍ତି ଘଣ୍ଟି ଯାକୁ । ପ୍ରଭୁ ଅଜ୍ଞାଦେଲେ ଭେଳ ଦେବୁ ଅମ୍ଭେ ତାଙ୍କୁ ॥ ଅମ୍ଭର କରଣୀବଳ କେଜ୍ଞ ସିନା ଅଟେ । କରଣୀ ନ ଥିଲେ ଅମ୍ଭ ନ ହନଇ ଘଟେ ॥ ଏଥକୁ କରୁଣା ନିଷ୍ଟେ କରିବେଟି ପ୍ରଭୁ । କଣାଇଲ୍ଲା ଉକ୍ତିରୁ ସେ ଜାଣିବେ ନା ସବୁ ॥ ମୋହର ମାନ ମହିମା ରଖିବେ ସେ ହରି । ସଙ୍ଗକୁ ବେଳେ ସେ ପ୍ରଭୁ ଯିବେ ବଟେ କରି । ଏରୂପେ ମନରେ ପାଞ୍ଚ ଶ୍ରୀବତ୍ସ ବ୍ରାହ୍ମଣ ॥ ବ୍ୟାକୁଳ ହୋଇ କହିଲେ ସମ୍ମୁଖେ ରହିଣ ॥ ମୋ କଥା ଶୁଣିବା ହେଉ ହେ ପ୍ରଭୁ ମୁକୁନ୍ଦ । କାହିଁକି ମୋର ବଂଶକୁ ନିନ୍ଦିଲେ ନାରଦ । ତେଣୁ ଭଣ୍ଡ ଅସିଛି ମୁଁ ଅପଣଙ୍କୁ ନେଇ । ପ୍ରତି ପଦ ଯାଗ ଯାଏ ଯିବା ଦୟା ବହି ॥ ମୁନିଙ୍କ ବ୍ୟାକୁଳ ଶୁଣି ଅମ୍ଭେ ତହିଁ ପୁଣ । କପଟରେ ନିଦ୍ରାଗଲୁଁ ସୁଖେ ପଲଙ୍କେଣ ॥ ଅମ୍ଭ ନିଦ୍ରା ଦେଖି ମୁନି ବ୍ୟାକୁଳ ହୋଇଲେ । ପଞ୍ଚମ-ସ୍ୱରରେ କପି ବେଦ ଉଚ୍ଚାରିଲେ । ଉଚ୍ଚ କରଣ ଟେକନ୍ତେ ବସ୍ତୁ ବେଦଧ୍ୱନି । ନ ଶୁଣିଲା ପ୍ରାୟ ଅମ୍ଭେ ହୋଇଲୁଁ ଯେ ଭୁନି ॥ ଅମ୍ଭେ ନ ଉଠିବା ଦେଖି କୋପେ ମୁନିବର । ବୋଇଲେ ନୁହନ୍ତି ଅନ୍ତର୍ଯ୍ୟାମୀ ଏ ଠାକୁର । ଠାକୁର ହେଲେହେଁ ନିଷ୍ଟେ ଜାଣନ୍ତେ ମୋ ଦୁଃଖ । କଥା ଏ କହୁ ହେଲେହେଁ କହନ୍ତେ ଶୀଘ୍ର ॥ ଯାହା ହେଲେ ହେଉ

Digitized by srujanika@gmail.com

ଯତ୍ନେ ମାରବ ଯେ ମାତଙ୍ଗ । କର୍ମ ଅବର ଇନ୍ଦ୍ରଙ୍କ ସଙ୍ଗେ ମନ ଦୃଢ଼େ ॥ ଏତେ ବୋଲି ସେ ଦକ୍ଷିଣ ପାଦକୁ ଟେକିଲା । ତେବେ ଅମ୍ଭ ହୃଦେ ବିପ୍ରପାଦ ପ୍ରହାରିଲା । ପାଦ ବାଜନ୍ତେ ଯେ ଉଠି ବସିଲୁଁ ଚମକି । ଚାହିଁଲୁ ଗୃହ ଅଡ଼କୁ ନାହିଁ ଯେ କେହି ॥ ଦେଖିଲୁଁ ପାଶରେ ଏକା ଅଛନ୍ତି ବ୍ରାହ୍ମଣ । ପୁଚ୍ଛିଲୁଁ କେତେବେଳରୁ ଆସିଲେ ଆପଣ ॥ ବିପ୍ର ଗୋସାଇଁମାନଙ୍କ ଆଜ୍ଞାପାଏ ମୁହିଁ । ଦର୍ଶନ କରୁ ନ ଥିଲି ନିଦ୍ରା ଥିଲି ଯାଇ ॥ କେତେ ଭାଗ୍ୟ ହେଲା ମୋର ବିଜେ କଲ ଆସି । ପ୍ରତ୍ୟକ୍ଷେ ଦେଖିଲା ମୋର ନେତ୍ର ବ୍ରହ୍ମ ଋଷି ॥ ଏରୂପେ ପ୍ରଶଂସା କରି କହିଲୁ ଅନେକ । ପାଦ ଧୋଇ ଦେବା ପାଇଁ ଆଣିଲୁ ଉଦକ ॥ ଜାଳପାଇ ଦ୍ୱିଜବର ପଳାଇଲା ଡରି । ଅହେ ଧନଞ୍ଜୟ ଅମ୍ଭେ ତାହା ଦେଖିକରି ॥ ଧାଇଁଯାଇ ସେ ବିପ୍ରଙ୍କୁ ଧରିଆଣି ବଳେ । ଚରଣ ଦୁଇ ଘୃଷିଲୁ ଧୋଇ ଦେଇ ଜଳେ ॥ ସେ ବିପ୍ର ପାଦ ଉଦକ ଗର୍ଭେ ଦେଲୁଁ କ୍ଷେପି । କଣ୍ଠ ଜଳ ମଥାରେ ଦେଲୁ ଅମ୍ଭେ ଲେପି ॥ ଲେଉଟି ଧରୁ ଆଣିଲୁ ବିପ୍ର ପାଦତଳେ । ଦେହ ଯାକ ବୋଳ ଦେଲୁ ହେ ପାଣ୍ଡୁ ଅମ୍ବଜ ॥ କର୍ପୂର କସ୍ତୁରୀ ଗନ୍ଧ ଶ୍ରୀ କରରେ ଆଣି । ଦେହ ଯାକ ବୋଳି ଦେଇ ବସାଇଲୁଁ ପୁଣି ॥ ଅମ୍ଭର ଏମନ୍ତ ସେବା ଦେଖି ବିପ୍ରବର । ପଳାଇ ପଡ଼ିଲା ଖଣ୍ଡଦୂରର ଝୁଣ୍ଟିକରି ॥ ଧାଇଁ ଧାଇଁ ଧରେ ଟେକିଧରି ବିପ୍ର ଗାତ୍ର । ସ୍ୱହସ୍ତେ ଚାଞ୍ଚଣୀ ଧରି ଚାଞ୍ଚିଲୁ ବହୁତ ॥ ଶ୍ରୀବତ୍ସ ବିପ୍ରଙ୍କ ପାଦ ଶ୍ରୀକରେ ଅଙ୍କିଷି । ବୋଇଲୁଁ ଯେ କେତେ କଷ୍ଟ ପାଇଲ ହେ ଋଷି ॥ ବୃହିଲେତ ବଜ୍ରସମ ଅଟେ ଅମ୍ଭ ହୃଦ । ନ ଜାଣି ଦେଲ ବଥାଉ ଥିବ ତୁମ୍ଭ ପାଦ ॥ କେତେ ଶ୍ରମ ପାଇ ଗ୍ଳାନି ଅଛି ଥିବ ଏବେ । ଏତେ ବୋଲି ବିପ୍ର ପାଦ ଘଷିଲୁଁ ସ୍ୱହସ୍ତେ ॥ ବୋଇଲୁଁ ଶ୍ରୀବତ୍ସ ନାମ ତୁମ୍ଭ ଘେନି ମୋର । ତରିବେ ଶ୍ରୀବତ୍ସ ନାମ ଭଜି ଭବି ପୂର ॥ ତୁମ୍ଭେ ଯେ ଶ୍ରୀବତ୍ସ ବିପ୍ର କୁଳସୁଧାକର । ବିଜେ କରଣ ପବିତ୍ର କଲ ମୋ ମନ୍ଦିର ॥ ଅମ୍ଭର ଏ ଶାନ୍ତଭାବ ଦେଖି ମୁନିବର । ଜମିଲେ ପାଦ

Digitized by srujanika@gmail.com

ପଦ୍ମରେ କରି ନମସ୍କାର ॥ ଶାଳେ ମାର ହୋଇ ଦନ୍ତେ କାଟମା-
ଡ଼ିଲେ ଜଳ । ନ ହେଲି ଗୋବିନ୍ଦଙ୍କୁ ମୁଁ ଦେଲି ପରିଭବ ॥
ଯାହିଁ ପ୍ରହାରିଲି ମୂର୍ଖ ପଣେ ପ୍ରଭୁ ହୃଦେ ॥ କେତେ ଯେ ପାପ
ଅର୍ଜିଲି ଏଡ଼େ ଅପରାଧେ ॥ କି କରିବି ନ ଦିଶଇ ମୋତେ ବୁଦ୍ଧି ବାଟ ।
ବିଷ୍ଣୁ ଠାରେ ଅପରାଧୀ ହେଲି ମୁଁ ପାପିଷ୍ଠ । ହେ ମହାପ୍ରଭୁ ଏମନ୍ତ
ଆଜ୍ଞା ମୋତେ କର । ଏ ଦୁଷ୍ଟ ଆତ୍ମା ମୋ ଯାଉ ଛାଡ଼ି କଳେବର ॥
ଏରୂପେ ଅତି ବ୍ୟାକୁଳ ହୁଅନ୍ତେ ଶ୍ରୀବତ୍ସ । ଜାଣିଲୁ ବିପ୍ରର କଥା
ମନ କରି ସ୍ୱଚ୍ଛ । ବୋଇଲେ ଶୁଣି ମା ହେଉ ଆହେ ବିପ୍ରମଣି । ତୁମ୍ଭ
ପ୍ରାୟ କୁଳଶ୍ରେଷ୍ଠ ନାହିଁ ଏ ଧରଣୀ ॥ ସମସ୍ତ ଜାତିରେ ବିପ୍ର ଜାତି
କୁଳଶ୍ରେଷ୍ଠ । ବ୍ରାହ୍ମଣଙ୍କୁ ନ ମାନେ ଯେ ସେ ବଡ଼ ପାପିଷ୍ଠ ॥ ସବୁ-
କାହିଁ ଦୋଷ କଲେ ଦଣ୍ଡମଣ୍ଡ ଅଛି । ବିପ୍ର ଦୋଷ କଲେ ଦଣ୍ଡି ନ
ପାରେ ବିରଞ୍ଚି ॥ ବିଷ୍ଣୁ ହେଲେହେଁ ବିପ୍ରଙ୍କୁ ନ ପାରେ ମୁଁ ଦଣ୍ଡି ।
ମହାପାପ ବିପ୍ର ଏକା ପାରଇ ଯେ ଖଣ୍ଡି ॥ ଏଥିକୁ ହେ ମୁନି ଭୟ
କଦାପି ନକର । ବହିବି ମୁଁ ତୁମ୍ଭ ପାଦ ଚିହ୍ନ ହୃଦୟର । ଅଷ୍ଟାଦଶ
ସ୍ଥଳରେ ସେ ଚିହ୍ନ ଲେଖାଯିବ । ଭକ୍ତଙ୍କୁ ମୋର ସେହିକ ଚିହ୍ନ ଦିଶୁ-
ଥିବ ॥ ବିପ୍ରଙ୍କର ପାଦରଜ ଅଳପ ନୋହେ ଜାଣ । ଯା ଗୃହେ ପଡ଼େ
କରେ ତା ବଂଶକୁ କାରଣ ॥ ଯାବତ ମଙ୍ଗଳ ଆସି ମିଳଇ ଯେ ତାକୁ ।
ଦେହ ଅନ୍ତେ ସେହି ଲୋକ ଚଳଇ ସ୍ୱର୍ଗକୁ ॥ ଯେ ଜନ ଚିତ୍ତ ନିର୍ମଳ
କରି ଜାଣ ନିତ୍ୟେ । ବ୍ରାହ୍ମଣର ପାଦରଜ ଘେନନ୍ତି ଶିରଗ୍ରେ ॥
ତାହାର ଦେହରେ କ୍ଳେଶମାନ ନ ରହଇ । ଅମ୍ଭର ଦୟା ତାହାକୁ
ଅନୁବ୍ରତେ ଥାଇ ॥ ଆଉର ମଧ କହିଲୁ ଶୁଣ ମୁନିବର । ବିପ୍ର ପାଦରଜ
ଘେନି ବଢ଼ୁ ମୋ ଶରୀର ॥ ଏଥିକୁ ନ କର ବିପ୍ର ମନେ ଆଉ ଶଙ୍କା ।
ବିପ୍ରଙ୍କ ଲାଗି ସଂସାରେ ଜନମଇ ଏକା ॥ ବିପ୍ରଙ୍କ ଆଶିଷ ମୋର
ହୃଦେ ଛନ୍ତି ଶିରୀ । ତେଣୁ ମୋତେ ଶ୍ରୀଯୁକ୍ତ ବୋଲନ୍ତି ତ୍ରିପୁରୀ ॥
ଏତେକ କହି ବିପ୍ରଙ୍କୁ ଆମ୍ଭେ ଘେନି ସଙ୍ଗେ । ଗରୁଡ଼ ପିଠିରେ ବସି

Digitized by srujanika@gmail.com

ଚଳଗଲୁଁ ବେଗେ । ମୁନିଙ୍କର ବେନିପାଦ ପଦ୍ମକରେ ଧରି । ଅର୍ଚ୍ଚି ଦେଲୁଁ ବଥାଉତ୍ସବ ବୋଲିକରି । ଯେତେକ ଋଷି ପ୍ରଜାପତି ଯାଗେ ବସିଥିଲେ । ଶ୍ରୀବତ୍ସ ମୁନିଙ୍କି ସର୍ବେ ଧନ୍ୟଧନ୍ୟ କଲେ ॥ ବୋଇଲେ ବଶିଷ୍ଠ ବଂଶ ଯେତେବ ନୁହେ ଶ୍ରେଷ୍ଠ । ବସ୍ତୁ କେସନେ ବନ୍ଦନ୍ତେ ମୁନି ପାଦ ପୃଷ୍ଠ ॥ ଏତେକ ବୋଲି ମୁନିଙ୍କି ଭଜିଲେ ସର୍ବେ ସ୍ତୁତି । ଅମ୍ଭେ ବୋଇଲୁଁ ନାରଦ ଅଟେ ବ୍ରହ୍ମସୁତ ॥ ବ୍ୟାସଙ୍କର ବଂଶ ତୁମ୍ଭେ କହିଲ କପାଇଁ । ଭଜନରେ କି କାର୍ଯ୍ୟ ବୀର୍ଯ୍ୟ ବ୍ରହ୍ମ ଯେ ଅଟଇ ॥ ବ୍ରହ୍ମ ପ୍ରକାଶେ ଯାବତ ଜୀବ ହୁଏ ଜନ୍ମ । ବର୍ଣ୍ଣଭେଦ ଉଚ୍ଚ ନୀଚ ହୁଅନ୍ତି ଯେ ଜନ । ବ୍ରାହ୍ମଣ ବୀର୍ଯ୍ୟରୁ ଜାତ ହୁଅନ୍ତି ବ୍ରାହ୍ମଣ । ବଧିରେତ ସ୍ୱୟଂ ବ୍ରହ୍ମ ଦେବ ନାରାୟଣ । ନାରାୟଣଙ୍କ ନାଭିରୁ ବ୍ରହ୍ମା ଉତ୍ପନ୍ନ । ବ୍ରହ୍ମାଙ୍କ ବୀର୍ଯ୍ୟରୁ ଜାତ ବଶିଷ୍ଠ ଯେ ଯତି ॥ ବଶିଷ୍ଠ ଋଷିଙ୍କ ପୁତ୍ର ଶକ୍ତି ମହାମୁନି । ଶକ୍ତି ଋଷିଙ୍କର ପୁତ୍ର ପରାଶର ଜ୍ଞାନୀ ॥ ପରାଶର ବୀର୍ଯ୍ୟ ଜାତ ହେଲେ ବେଦବ୍ୟାସ । ଯେ ବ୍ୟାସ ଅଟନ୍ତି ଜାଣ ନାରାୟଣ ଅଂଶ ॥ ବ୍ୟାସମୁନିଙ୍କର ପୁତ୍ର ଏ ଶ୍ରୀବତ୍ସ ମୁନି । ହୃଦେ ବହୁଛି ମୁଁ ତାଙ୍କ ପାଦ ଥାଥ ଚହ୍ନି ॥ ଏତେକ ବୋଲି ବସନ କାଢି ଦେଖାଇଲୁଁ । ଶ୍ରୀବତ୍ସ ମୁନିଙ୍କ ପାଦ ଦେଖ ହେ ବୋଇଲୁ ॥ ଦେଖିଣ ତା ଋଷି-ଯାକ ଆଚମ୍ବିତ ହେଲେ । ଶ୍ରୀବତ୍ସ ମହାମୁନିଙ୍କୁ ବହୁସ୍ତୁତି କଲେ । ଶ୍ରୀବତ୍ସ ବ୍ରାହ୍ମଣ କଥା ଶୁଣିଲ ହେ ପାର୍ଥ । ଭକତ ମୋହର ବନ୍ଧୁ ମୁଁ ଅନାଥ ନାଥ ॥ ନାମରତ୍ନ ଗୀତାରେ ଏ ଅଟେ ଦିବ୍ୟରସ । ଶ୍ରବଣେ ଭଣିଲେ ଏହା ଦୀନକୃଷ୍ଣଦାସ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜ୍ଜୁନସମ୍ବାଦେ ଶ୍ରୀବତ୍ସ ଚରିତ୍ର ବୃତ୍ତାନ୍ତ କଥନେ ନାମ ଊନସପ୍ତତିତମୋଽଧ୍ୟାୟଃ ।

ସପ୍ତତିତମ ଅଧ୍ୟାୟ ।

ଶୁଣି ସଂଶୟ ଅର୍ଜୁନ ମନୁ ଗଲା ଛାଡ଼ି । ଶୁଣିଲେକ ଶ୍ରୀମୁଖରୁ ଗୃଷ୍ଟେଁ ପାଦ୍ୟେ ପଡ଼ି ॥ ଉଠିକରି ଉଭା ହୋଇ ନାନା ସ୍ତୁତି କଲେ ।

Digitized by srujanika@gmail.com

ହରେ ରାମ କୃଷ୍ଣ ତିନି ମନ୍ତ୍ର ଉଚ୍ଚାରନ୍ତେ ॥ ଗୋବିନ୍ଦ ବୋଇଲେ ଶୁଣ ବୀରବର ପାର୍ଥ । ଏହି ତିନି ନାମରୁ ଯେ ସବୁ ନାମ ଜାତ ॥ ତେଣୁ ନାମର କେ କରି ନ ପାରଇ ଅନ୍ତ । ଏ ତିନି ନାମକୁ ପଢ଼େ ଯେଉଁ ଜନ ନିତ୍ୟ ॥ ସେ ନର ବଦନ ଗୋଷ୍ଠି ସଂସାରରେ ସାର । ସାବଧାନେ ଶୁଣ ଅହେ ପାର୍ଥ ଧନୁର୍ଦ୍ଧର ॥ ଯେଉଁ ପ୍ରାଣୀ ହସ୍ତେ କରେ ବିଷ୍ଣୁ ଧର୍ମ କର୍ମ । ସେ ହସ୍ତକୁ ସାରସ୍ୱତ ବୋଲନ୍ତି ଉତ୍ତମ ॥ ଯେ ବିଷ୍ଣୁଙ୍କ ଧ୍ୟାନ କରି ଚର୍ମ ନେତ୍ରେ ଦେଖେ । ସେ ନେତ୍ରକୁ ଦିବ୍ୟ ଚକ୍ଷୁ ବୋଲି ନର ଲୋକେ ॥ ବିଷ୍ଣୁ ପୁରାଣକୁ କର୍ଣ୍ଣେ ଯେଉଁ ଜନ ଶୁଣେ । ସେ କର୍ଣ୍ଣକୁ ସାରସ୍ୱତ ମଧ୍ୟେ ମୁହିଁ ଗଣେ । ବିଷ୍ଣୁ ପାଦରେ ନମଇ ଯାହା ଶିର ଗୋଟି । ଶିରଙ୍କ ମଧ୍ୟରେ ସାର ଅଟେ ସେ ଶିରଟି ॥ ବିଷ୍ଣୁଙ୍କ ଭକ୍ତ ଅଟନ୍ତି ସଂସାରେ ଯେ ଲୋକ । ତାହାଙ୍କୁ ଛୁଇଁଲେ ପ୍ରାଣୀ ଲଭେ ତୀର୍ଥପାକ ॥ ମୋର ଦଶ ଅବତାର ମୂର୍ତ୍ତି ଜାଣ ଏକ । ମତ୍ସ୍ୟରୂପ ଧରି ମୋକ୍ଷ କରେ ସର୍ବ ଲୋକ ॥ କୂର୍ମ ଅବତାର ଧରି ପୃଥ୍ୱୀ ଭାର ନାଶେ । ବରାହ ରୂପ ଧରଣ ଦୈତ୍ୟବଳ ଧ୍ୱଂସେ । ନରସିଂହ ଅବତାରେ ମହା ବିଷ୍ଣୁ ରୂପୀ । ବାମନ ରୂପରେ ବଳୀ ରାଜା ଛଳେ ଶୃପି ॥ ପରଶୁରାମ ରୂପରେ ପୃଥ୍ୱୀ ରକ୍ଷା କରି । ଶ୍ରୀକୃଷ୍ଣ ମୂରତି ଧରି କଂସଦର୍ପ ହରି ॥ ରାମ ଅବତାରେ ନାଶି ରାବଣର ବଂଶ । ବଉଦ୍ଧ ରୂପ ହୋଇବି ନୀଳଗିରି ଈଶ ॥ ଦୋଷ ଅନୁରୂପ ଜନେ ଦଣ୍ଡ ଦେଉ ଥିବ । ଦୁଷ୍ଟଜନଙ୍କୁ ସଂହାରି ସୁଜନ ପାଳିବ ॥ ଯାହାକୁ ଯେବଣ ଦଣ୍ଡ ବିହିତ ଶାସ୍ତ୍ରରେ । ତାହା ମୁଁ କହୁଛି ପାର୍ଥ ତୋହର ଆଗରେ ॥ ମାତା ପିତା ଶ୍ରୀଗୁରୁ ଯେ ଦେବତା ବ୍ରାହ୍ମଣ । ଏହାଙ୍କ ଦୋଷ ଦେଖିଣ ନ ଦଣ୍ଡିବ ପୁଣ ॥ ଭୃତ୍ୟ ଲୋକ ଦୋଷ ଯେବେ କହିବ ନ ଜାଣି । ମିତ୍ର ଲୋକ ହାତେ ତାକୁ ଦଣ୍ଡ ଦେବ ଆଣି ॥ ପୋଇଲା ଦୋଷ କଲେ କାଟିବ ତା ବାଳ । ବନ୍ଧୁ ଦୋଷ କଲେ ବାକ୍ୟ ନ ଦେବ କେବଳ ॥ ଭାଇ ଦୋଷ କଲେ ତାକୁ ଭିନ୍ନ କରି ଦେବ । ଭାର୍ଯ୍ୟା ଦୋଷ କଲେ ତାକୁ କଥା ନ କହିବ । ଦୁହିତା ଦୋଷ

Digitized by srujanika@gmail.com

କଲେ ତା ନ ଗ୍ରହିବ ମୁଖ । ଶାଳା ଦୋଷ କଲେ ତାକୁ ନ ରଖିବ ପାଖ ॥ ପଡ଼ିଶା ଦୋଷ କରିଲେ ପ୍ରଶଂସା କରିବ । ପୁତ୍ର ଦୋଷ କଲେ ତାକୁ ଆପଣେ ଦଣ୍ଡିବ । କର୍ତ୍ତବ୍ୟ ନ ଚଳିଲେଟି କାଢ଼ି ଦେବ ଘରୁ । ନ ମାରଣ ଭୁଖାଇବ ଦୋଷ କଲେ ଗୋରୁ । ପ୍ରଜା ଦୋଷ କଲେ ତାର କାଟିନେବ ବୃତ୍ତି । ଜାମାତା ଦୋଷ କଲେ ଯେ ନ କହିବ ହସି । ସ୍ତ୍ରୀମାନେ ଯେବେ ପାର୍ଥ କରନ୍ତି ଦୋଷ । ଘରରେ ରଖି ନ ଦେବ ତାଙ୍କୁ ଅନ୍ନ ଗ୍ରାସ । ଶ୍ୱଶୁର ଦୋଷ କରିଲେ ନ କରିବ ମାନ୍ୟ । ଏତିକି ମାତ୍ରକେ ଦଣ୍ଡ ହୁଏ ତାକୁ ଜାଣ ॥ ନିମନ୍ତ୍ରିତ ଦୋଷ କଲେ ସେବା ଛଡ଼ାଇବ । ପାନ୍ଥ ଦୋଷ କଲେ ତାକୁ ଦ୍ୱାର ନରୋଧିବ ॥ କୁଳବଧୂମାନେ ଯେବେ କରିବେଟି ଦୋଷ । ପ୍ରକଟ ନ କରି ତାହା ସହିବ ଅବଶ୍ୟ ॥ ନ୍ୟୂନାଧିକ କଲେ ଦାସ୍ୟେ ଲଜ୍ଜା ଦେବ ପୁଣି । ସମ୍ମୁଖ ଦୋଷ କଲେ ନ ଦେବ ପୀଢ଼ା ପାଣି । ପୂଆରମାନେ କରିବେ ଯେବେ ଜାଣ ଦୋଷ । ତାହାଙ୍କ ହସ୍ତରୁ ଭୋଗ ନ କରିବ ଗ୍ରାସ । ଅରକ୍ଷିତ ଲୋକ ଯେବେ କରିବନ୍ତି ଦୋଷ । ତାହାଙ୍କୁ ଭୟ ଦେଖାଇ କହିବ ବିଶେଷ ॥ କରଣ ଦୋଷ କଲେ ତା ଜୀବିକା ହରିବ । ବାକ୍ୟ ହୁଡ଼ିଲା ଲୋକକୁ ସଭାରୁ କାଢ଼ିବ । ମିତ୍ର ଦୋଷ କଲେ ନ କରିବଟି ଆଦର । ମହାରଣା ଦୋଷ କଲେ ବାସନ୍ଦିବ ଘର ॥ ମାମୁଁ ଦୋଷ କଲେ ନ କରିବ ନିମନ୍ତ୍ରଣ । ଏତିକେ ଆଦର ଊଣା ହୁଏ ତାର ଜାଣ ॥ ଭଣ୍ଡାରୀ ଦୋଷ କଲେ ତା ମର୍ଦ୍ଦନ ବାରଣ । ଗୋପାଳ ଦୋଷ କରିଲେ ଛଡ଼ାଇବ ଦୁଗ୍ଧ ॥ ତନ୍ତୀକୁଳ ଯେବେ ପାର୍ଥ କରିବେଟି ଦୋଷ । ତାହାଙ୍କର ତନ୍ତ କାଟି କାଢ଼ିବ ଅବଶ୍ୟ । ଧୀବର ଦୋଷ କଲେଟି ଚିରିବ ତା ଜାଲ । ବାଳକ ଦୋଷ କଲେ ଯେ କରିବଟି ଗେଲ ॥ ଆବର ଯେତେକ ଜାତି ଅଛନ୍ତି ସଂସାରେ । ସେ ଦୋଷ କଲେ ନ ମାରି ଦଣ୍ଡିବ ବାକ୍ୟରେ ॥ କବି ଦୋଷ କଲେ ତାକୁ ନ କହିବ ଗାଳି ॥ ନ ଗଣି ବୋଇଲେ ସେହି ବସନ୍ତ ନା ଭଳି ॥ ଅନ୍ୟେ ପାର୍ଥ ନାମ-

Digitized by srujanika@gmail.com

ରତ୍ନଗୀତା ମହାଗ୍ରନ୍ଥ । କହନ୍ତି ସଂପୂର୍ଣ୍ଣ କରି ପରମପଦାର୍ଥ ॥ ଏହାକୁ ଯେ ଜନ ନିତ୍ୟ କଣ୍ଠରେ ଧରଇ । ଅନ୍ତ କାଳରେ ମୋହର ପୁରରେ ବସଇ ॥ ପରମ ପବିତ୍ର ଏହୁ ଗୀତା ମଧ୍ୟେ ସାର । ନାମରତ୍ନଠାରୁ ରତ୍ନ ବଳ ନାହିଁ ମୋର ॥ ତୁହି ଏହାକୁ ଯଦ୍ୟପି ଯତନେ ରଖିବୁ । ଏ ଭବ ଭୟରୁ ସୁଖେ ପାର ହୋଇଯିବୁ ॥ ଶୁଣିକରି ଅରଜୁନ ହୋଇଲେ ସନ୍ତୋଷ । ନାମରତ୍ନଗୀତା ଗ୍ରନ୍ଥ ଏଥୁ ହେଲା ଶେଷ ॥ ନମୋ ନମୋ ଦାମୋଦର ଲକ୍ଷ୍ମୀଦେବୀବର । ନମୋ ନମୋ ନନ୍ଦବାଳ ଗୋପାଳ ଶରୀର ॥ ନମୋ ନମୋ ବନମାଳି ଗୋପୀନାଥ ମୂର୍ତ୍ତି । ନମୋ ନମୋ ଜଗନ୍ନାଥ ଦାରୁବ୍ରହ୍ମ ମୂର୍ତ୍ତି ॥ ନମୋ ନମୋ ବୃନ୍ଦାବନଚନ୍ଦ୍ର ଶ୍ରୀଗୋବିନ୍ଦ । ନମୋ ନମୋ ଶିଶୁପାଳନାଶନ ମୁକୁନ୍ଦ ॥ ନମୋ ରୁକ୍ମିଣୀବଲ୍ଲଭ ନମୋ ଦଇତାରି ।ନମସ୍ତେ ନମସ୍ତେ ପ୍ରଭୁ ଶ୍ରୀରାଧାବିହାରୀ ॥ ନମସ୍ତେ ନମସ୍ତେ ପ୍ରଭୁ ପଙ୍କଜଲୋଚନ । ପୂର୍ଣ୍ଣନନ୍ଦ ଅବିକଳ ପତିତପାବନ ॥ ସକଳ ଜୀବହୃଦରେ ତୁମ୍ଭେ ଅଟ ଏକା । ପୁରାଣରେ ବୋଲାଉ ତୁ ଶ୍ରୁତି ବେଦଟୀକା ॥ ଶିଳାଙ୍କ ମଧ୍ୟରେ ଅଟୁ ତୁହି ଶାଳଗ୍ରାମ । ଆଶ୍ରମ ମଧ୍ୟେ ବୋଲାଉ ବଦରିକାଶ୍ରମ ॥ ଦେବତାମାନଙ୍କ ମଧ୍ୟେ ତୁହି ଦେବ ଇନ୍ଦ୍ର । ମନୁଷ୍ୟମାନଙ୍କ ମଧ୍ୟେ ବୋଲାଉ ନରେନ୍ଦ୍ର ॥ ସପ୍ତର୍ଷିଙ୍କ ମଧ୍ୟରେ ଅଟୁ ଋଷିବଶିଷ୍ଠ । ନକ୍ଷତ୍ରଗଣଙ୍କ ମଧ୍ୟେ ତୁହି ପୂର୍ଣ୍ଣଇନ୍ଦୁ ॥ ଗିରିଙ୍କ ମଧ୍ୟେ ବୋଲାଉ ତୁହି ମେରୁ ଗିରି । ମୋଠାରେ କରୁଣା କର ଅହେ ନରହରି ॥ ମୁହିଁ ଦୀନ କୃଷ୍ଣ ଦାସ ତୋ ଦାସର ଦାସ । ତୋ ରଙ୍ଗାପଦ୍ମରେ ସ୍ଥାନ ଦେବ ପୀତବାସ । ତୋହର କୃପାରେ କଲି ଏ ଗ୍ରନ୍ଥ ସମ୍ପୂର୍ଣ୍ଣ । ପଢ଼ିବା ଲୋକର ହେଉ ମନୋବାଞ୍ଛା ପୂର୍ଣ୍ଣ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଦୋଷାଦୋଷ ନିର୍ଣ୍ଣୟୋ ନାମ ସପ୍ତତିତମୋଽଧ୍ୟାୟଃ ।

ସମ୍ପୂର୍ଣ୍ଣ ।

Printed by H. K. Das, Chandrodaya Press, Cuttack,

Digitized by srujanika@gmail.com

ବିଜ୍ଞାପନ ।

[illegible]

8313

[illegible]	[illegible]

Digitized by srujanika@gmail.com